# କାରଖାନା ନିର୍ମାଣ ନାମରେ ମୋରମ ଲୁଟ୍

■ ରେଳ ବିଭାଗରେ ବି ବ୍ୟବହାର ହେଉଛି ବେଆଇନ ଖଣିଜ ଦ୍ରବ୍ୟ
■ ଟେଇଁ ଶୋଇଛି ଲଘୁ ଖଣିଜ ବିଭାଗ


କଳିଙ୍ଗନଗର ବାଉଁଶୁଣୀ ମନ୍ଦିର ନିକଟରୁ ମୋରମ ଲୁଟ୍ ।

ଯାଜପୁର,୨୮।୨(ହର୍ଷବର୍ଦ୍ଧନ ବେହେରା):

ତୃଣମୂଳଠାରୁ ଆରମ୍ଭ କରି ଯାହାର ଯେତେ କ୍ଷମତା ସେହି ପରିମାଣରେ ଦୁର୍ନୀତି ଓ ହରିଲୁଟ ବଢ଼ିବା ଏବେ ଯାଜପୁର ଜିଲା ପାଇଁ ଚିନ୍ତାର କାରଣ ହୋଇଛି। ବିଶେଷକରି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କାରବାରକୁ ଅଧିକ ନିୟନ୍ତ୍ରଣ ଆଶା ରଖି ରାଜ୍ୟ ସରକାର ଖଣି ବିଭାଗକୁ ଦାୟିତ୍ୱ ହସ୍ତାନ୍ତର ଲକ୍ଷ୍ୟ ଏଠାରେ ଫସର ଫାଟିଥିବା ମନେ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନା ନାମରେ ବିପୁଳ ପରିମାଣର ମୋରମ ଲୁଟ୍ ଘଟଣାକୁ ଏଠାରେ ଅନ୍ୟତମ ଉଦାହରଣ ଭାବେ ନିଆଯାଇପାରେ। ଦାନଗଦି ତହସିଲ ଅଧୀନ ଯଖପୁରା ପଞ୍ଚାୟତର କଚେରୀ ଗାଁରେ ଥିବା ବାଉଁଶରାଣୀ ଠାକୁରାଣୀ ମନ୍ଦିର ନିକଟରୁ ବିନା ଅନୁମତିରେ ମୋରମ ଲୁଟ୍ ଏବେ ଅଣାୟତ୍ତ ହୋଇଛି। ଏନେଇ ଲଘୁ ଖଣି ବିଭାଗ କର୍ତ୍ତୃପକ୍ଷ ଓ ତହସିଲ ପ୍ରଶାସନ ନିକଟରେ ଖବର ରହିଥିଲେ ହେଁ ମୋଟା ଅଙ୍କର ହାତଗୁଞ୍ଜା ନେଇ ନୀରବ ରହୁଥିବା ଆଲୋଚନା ହେଉଛି।

ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଏବଂ ଖାମଖିଆଲି ମନୋଭାବ ଯୋଗୁଁ ସରକାର ମୋରମ ଲୁଟ୍ ନାମରେ ବିପୁଳ ରାଜସ୍ୱ ହରାଉଛନ୍ତି। ଏଠାରେ ବାଲି ଠାରୁ ଆରମ୍ଭ କରି ମୋରମ ଦିନ ଦ୍ୱିପହରରେ ଲୁଟ୍ ହେଉଛି। ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜୁଥିବାରୁ ବେଧଡ଼କରେ ମୋରମ୍ ଲୁଟ୍ ଚାଲୁଛି। କାରଖାନା ନାଁରେ ମୋରମ୍ ଲୁଟ୍ ହେଉଥିବାର ଦେଖିବାକୁ ମିଳିଛି। ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟ କଳାପଥର, ମାଙ୍କଡ଼ା ପଥର ଓ ମୋରମ୍ ବିଶେଷକରି ଧର୍ମଶାଳା, ବଡ଼ଚଣା, ରସୁଲପୁର, ଦାନଗଦି, କୋରେଇ ଓ ସୁକିନ୍ଦା ତହସିଲ ଅଞ୍ଚଳରେ ବିପୁଳ ପରିମାଣରେ ମହଜୁଦ ରହିଛି। କିନ୍ତୁ ଲଘୁ ଖଣି କାର୍ଯ୍ୟାଳୟ ଯାଜପୁର ସଦର ମହକୁମାରେ ରହିଛି। ଫଳରେ ଏସବୁ ମୂଲ୍ୟବାନ ଖଣିଜ ଦ୍ରବ୍ୟର ପରିଚାଳନା ଓ ନିୟନ୍ତ୍ରଣ ଉପଯୁକ୍ତ ଭାବେ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି। ଏହାକୁ ଏକ ସୁଯୋଗ ଭାବୁଛନ୍ତି ମୋରମ୍ ଲୁଟ୍ କରୁଥିବା ଅସାଧୁ ବ୍ୟବସାୟୀମାନେ । ସେହି କ୍ରମରେ ଯଖପୁରା ଅଞ୍ଚଳର କେତେଜଣ ଅସାଧୁ ବ୍ୟବସାୟୀ ବାଉଁଶରାଣୀ ଠାକୁରାଣୀ ନିକଟରୁ ବିପୁଳ ପରିମାଣର ମୋରମ୍ ଲୁଟ୍ କରୁଛନ୍ତି। ଏକର ଏକର ଜାଗାରୁ ପ୍ରାୟ ୮ରୁ ୧୦ଫୁଟ୍ ଗଭୀର କରି ମୋରମ ଖୋଳା ଯାଇ ତାକୁ ଚାଲାଣ କରି ଅସାଧୁ ବ୍ୟବସାୟୀମାନେ ମାଲେମାଲ ହେଉଉଛନ୍ତି। କଚେରୀ ଗାଁ ନିକଟରେ ଭିସିଆଇ କେମିକାଲ ପ୍ରାଇଭେଟ ଲିମିଟେଡ କମ୍ପାନୀ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଛି। ଏହି କାର୍ଯ୍ୟରେ ସଂପୃକ୍ତ ଠିକାଦାର ଜଣକ ଉକ୍ତ କାରଖାନା ପରିସର ଏବଂ ବାହାରୁ ମୋରମ ଉତ୍ତୋଳନ କରି ବାହାରକୁ ଚାଲାଣ କରୁଛନ୍ତି । ଏପରି କି ଏହି ବେଆଇନ ମୋରମ ଯଖପୁରାଠାରୁ ଯାଜପୁରରୋଡ ରେଳ ଲାଇନ କାର୍ଯ୍ୟରେ ମଧ୍ୟ ବ୍ୟବହାର ହେଉଛି। ଏଥିପାଇଁ ଖଣି ବିଭାଗ ପକ୍ଷରୁ ସଂପୃକ୍ତ ରେଳ ବିଭାଗ କର୍ତ୍ତୃପକ୍ଷଙ୍କୁ ପ୍ରାୟ ୧୫ ଦିନ ତଳେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ସୂଚନା ମିଳିଛି। ତଥାପି ସଂପୃକ୍ତ ଠିକାଦାର ରାଜନୈତିକ ପ୍ରଭାବ ବଳରେ ମୋରମ୍ ଲୁଟ୍ ଚଳାଇଥିବା ଅଭିଯୋଗ ହୋଇଛି। ଭିସିଆଇ ଅଧିଗ୍ରହଣ କରିଥିବା ଜମିର ପାଚେରୀ ନିର୍ମାଣ ବାହାନାରେ ଦୈନିକ ଶତାଧିକ ଟ୍ରିପ୍ ମୋରମ ଖୋଳାଯାଉଛି। ସେହି ମୋରମ୍‌କୁ ପୁଣି ଭିସିଆଇ କେମିକାଲ କାରଖାନାକୁ ଚଢ଼ା ମୂଲ୍ୟରେ ବିକ୍ରୀ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏଠି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି କି ଏତେ ପରିମାଣର ମୋରମ ଖୋଲିବା ପାଇଁ କମ୍ପାନୀକୁ ଅନୁମତି ଦେଲା। ଯଦି ବିପୁଳ ପରିମାଣର ମୋରମ ଖୋଲିବା ପାଇଁ ଅନୁମତି ମିଳିଛି କମ୍ପାନୀ ନିକଟରେ ତା'ର କୌଣସି ପ୍ରମାଣ ଅଛି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲଘୁ ଖଣିଜ ପଦାର୍ଥର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ, ସ୍ଥାନୀୟ ତହସିଲ ଅଧିକାରୀ, ଯଖପୁରା ଥାନା ଅଧିକାରୀ ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହା ସମ୍ଭବ ହେଉଥିବାର ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏହି ମୋରମ ଲୁଟରେ ସ୍ଥାନୀୟ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତଥିବା ଶୁଣିବାକୁ ମିଳୁଛି। ଏବେ ନୁହେଁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ସ୍ଥାନୀୟ ପଙ୍କପାଳ, ମନୋହରପୁର, ଯଖପୁରା ଆଦି ଅଞ୍ଚଳରୁ ମୋରମ ଲୁଟ ହେଉଛି। ଏହାକୁ ପ୍ରଶାସନ ହାଲୁକା ଭାବେ ନେଉଛି। ଯାହାଫଳରେ ନିୟମିତ ଭାବରେ ଏସବୁ ଲଘୁ ଖଣିଜ ଲୁଟ ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ ମୋରମ୍ ଲୁଟ୍ ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ତଥାପି ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅରୁଣ


@ ବନ୍ଦନ


@ କାର୍ତ୍ତିକ


@ ମିଲନ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମେଧାବୃତ୍ତି ପାଇଥିବା ୧୪ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ


ଅତିଥି ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଯାଜପୁରରୋଡ୍,୨୮।୨(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରର ସର୍ବପୁରାତନ ଏନ୍‌ସି ହାଇସ୍କୁଲର ୧୪ ଛାତ୍ରୀଛାତ୍ରଙ୍କୁ ରାଜ୍ୟ, ଜିଲା ଓ ବ୍ଲକସ୍ତରୀୟ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ସ୍କୁଲ ସଭାଗୃହରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦେହୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ ସଭାପତି ଅର୍ଜୁନ ରାଉତ, ପରିଚାଳନା କମିଟି ସମ୍ପାଦକ ନିରଞ୍ଜନ ବଳ, ସାରଦା ଦାସ, ଡ. ଦୁଷ୍ମନ୍ତ ନାୟକ ଓ କାଉନସିଲର ଭରତ ଓଝା ଯୋଗଦେଇ ଏହି ଅନୁଷ୍ଠାନକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସ୍କୁଲ୍ ଛାତ୍ରୀ ସୌମ୍ୟାଶ୍ରୀ ସ୍ନେହା ଦାଶ, ତନୁଶ୍ରୀ ବାରିକ, ଛାତ୍ର କେ.ଲଳିତ କୁମାରଙ୍କୁ ରାଜ୍ୟ ମେଧାବୃତ୍ତି ପୁରସ୍କାର ମିଳିଥିବାବେଳେ ଶୁଭସ୍ମିତା ପୃଷ୍ଟିଙ୍କୁ ଜିଲା ମେଧାବୃତ୍ତି, ଜିଲା ଲିଡରଶିପ ପୁରସ୍କାର ସତ୍ୟଜିତ ସାହୁ, ହିମାଦ୍ରୀ ପ୍ରଧାନ, ବ୍ଲକସ୍ତରୀୟ ମେଧାବୃତ୍ତି ପ୍ରିୟଙ୍କା ରାଉତ, ସନିଆ ଭୂୟାଁ, ଅନୁରାଗ ସାହୁ, ବର୍ଷା ଷଡ଼ଙ୍ଗୀ, ସ୍ୱାଗତିକା ମିଶ୍ର, ମହମ୍ମଦ କାଦିର, ସୌମ୍ୟରଞ୍ଜନ ସାହୁ ଓ ବନ୍ଦନ ବୈଶାଳଙ୍କୁ ପ୍ରଦାନ କରାଯାଇଥିବାରୁ ସେମାନଙ୍କୁ ସ୍କୁଲ ଓ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଜୟ ନାୟକ, ମନ୍ମଥ ସାହୁ, ରାହାସ ବିହାରୀ ଦାସ, ମାଧବ ଚନ୍ଦ୍ର ଦଳାଇ, ବିଭାସ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ଜେନା, କନକଲତା ସାହୁ, ରଶ୍ମିତା ଦାଶ, ସୁଶ୍ରୀ ସଙ୍ଗୀତା ବେହେରା, ଗାୟତ୍ରୀ କର, ଗାୟତ୍ରୀ ନାୟକ, ଉର୍ବଶୀ ମହାପାତ୍ର ଓ କର୍ମଚାରୀ ତବୀନ ସାମଲ ଉପସ୍ଥିତ ଥିଲେ।

# ବଉଳଫୁଲର ଶିଶୁ ସାହିତ୍ୟ ଆଲୋଚନାଚକ୍ର

ଯାଜପୁରରୋଡ,୨୮।୨ (ପବିତ୍ର ରଞ୍ଜନ ମହାନ୍ତି) :

ବଉଳଫୁଲ ସାହିତ୍ୟ ସଂସଦ ତରଫରୁ ବ୍ୟାସ ସରୋବର ମେଳାରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ଶିଶୁ ସାହିତ୍ୟ ଭବିଷ୍ୟତ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ବ୍ୟାସନଗର ପୌରପରିଷଦର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଉଦଘାଟନ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ସୁକିନ୍ଦା କଲେଜର ଅଧ୍ୟାପକ ହିମାଂଶୁ ଦ୍ୱିବେଦୀ ଯୋଗ ଦେଇ ଶିଶୁ ସାହିତ୍ୟିକମାନେ ବାସ୍ତବ ଧର୍ମୀ ଓ ଯୁଗପୋଯୋଗୀ ସାହିତ୍ୟ ସୃଷ୍ଟି କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ବଉଳଫୁଲ ପତ୍ରିକାର ସମ୍ପାଦିକା ବ୍ରଜେଶ୍ୱରୀ ସିଂ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଶରତ ଦାସ ଏବଂ ନଟବର ସେଠୀ କବିତାଗୁଡିକର ସଂଯୋଜନା କରିଥିଲେ । ଲବଙ୍ଗ ଲତା ପରିଡା, ସୀମା ମିଶ୍ର, ମଞ୍ଜୁଲତା ନାୟକ, ମଧୁସ୍ମିତା ନାୟକ, ଗାୟତ୍ରୀ ନାୟକ, କୈଳାଶ ପାତ୍ର, ନାରାୟଣ ଶତପଥୀ, ଲବଙ୍ଗଲତା ପରିଡା, ବୃନ୍ଦାବନ ସାହୁ, ନିର୍ମଳ ଚନ୍ଦ୍ର ରାଉତ, ଅଚ୍ୟୁତ ନନ୍ଦ ପାତ୍ର, ପ୍ରଭାତ ସାହୁ, ଅମୂଲ୍ୟ ବେହେରା, ପ୍ରଭାତୀ ରାଉତ, ଭୁବନ ମୋହନ ମହାନ୍ତି, କଳ୍ପନା ରାଉତ ପ୍ରମୁଖ କବି କବିତାପାଠ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧରିତ୍ରୀର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ବ୍ୟଙ୍ଗକବି ବାଇଧର ମାଝି ଏବଂ ଜାତୀୟ କ୍ରିକେଟ ଉଦ୍‌ଘୋଷକ ତ୍ରିଲୋଚନ ଖିଲାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଝୁମୁକା ଏକାଡେମୀ ଡ୍ୟାନ୍ସ ଗ୍ରୁପର କଳାକାର ସାଇଲାନି ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ବିକାଶ ଦାସ ଓ ମଦନ ମୋହନ ବେହେରା ମଞ୍ଚ ପରିଚାଳନା କରିଥିଲେ। ବଉଳଫୁଲର ସହ ସମ୍ପାଦକ ଅଧ୍ୟାପକ ମଳୟ କୁମାର ମଲିକ ଧନ୍ୟବାଦ ଦେଇଥିଲେ।


ବଉଳଫୁଲର ଶିଶୁ ସାହିତ୍ୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ।

# ରସୁଲପୁର ବ୍ଲକରେ ଋଣ ଫେରସ୍ତ ମେଳା

ରସୁଲପୁର,୨୮।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକରେ ବୁଧବାର ଋଣ ସୁଧ ଅର୍ଥ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିଶନ ଶକ୍ତିରେ ସାମିଲ ହୋଇଥିବା ୧୬୪୭ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ୮୧.୬୫ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୦ ପଞ୍ଚାୟତର ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରାଯାଇଛି। ଅନ୍ୟଗୋଷ୍ଠୀଗୁଡ଼ିକୁ ଜମାଖାତା ଜରିଆରେ ଋଣ ଅର୍ଥ ଫେରସ୍ତ ରାଶିକୁ ପୈଠ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଜୟନ୍ତି ଦାଶ, ଅତିଥି ଭାବରେ ଜିଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆ, ଶଶିରେଖା ପୃଷ୍ଟି, ବିପିଏଲଏଫ ସଭାନେତ୍ରୀ ମୀରା ମହାନ୍ତି ଓ ସମ୍ପାଦିକା ଗାୟତ୍ରୀ ପାତ୍ର ପ୍ରମୁଖ ଯୋଗଦେଇ ଚେକ୍ ପ୍ରଦାନ କରିଥିଲେ। ଏବିଡିଓ ଦିବ୍ୟକାନ୍ତି ମିଶ୍ର ସଭା ପରିଚାଳନା କରିଥିବାବେଳେ ମିଶନ ଶକ୍ତି ବିପିସି ସୁମିତ୍ରା ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମିଶନ ଶକ୍ତିର ବିଏଲସି ମଧୁସ୍ମିତା ମହାନ୍ତି, ପ୍ରତିମା ପତି, ସରିତା ଜେନା, ବିପିଏ ଆଶାବରୀ ରାଉତରାୟ, ବିଭିନ୍ନ ପଞ୍ଚାୟତର ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିପିଏମ୍ ଶ୍ରୀନିବାସ ଦାଶ ଧନ୍ୟବାଦ ଦେଇଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଋଣ ସୁଧ ଫେରସ୍ତ

କଳିଙ୍ଗନଗର,୨୮।୨(ଶୁଭାଶିଷ ରାଉତ):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଋଣ ସୁଧ ଅର୍ଥ ଫେରସ୍ତ ବ୍ୟବସ୍ଥା ଶୁଭାରମ୍ଭ କରିଛନ୍ତି। ଏଥିରେ ଦାନଗଦି ବ୍ଲକର ୫୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ୧୧ ଲକ୍ଷ ୨୨ହଜାର ଟଙ୍କା ଋଣ ସୁଧ ଫେରସ୍ତ କରାଯାଇଛି। ଏନେଇ ଦାନଗଦି ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଚେକ୍ ଆକାରରେ ଅର୍ଥ ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଉପସ୍ଥିତ ରହି ମହିଳାଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହିତ ବିନା ସୁଧରେ ଏଣିକି ମହିଳାମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ପାରିବେ ବୋଲି ଉପସ୍ଥିତ ମହିଳାମାନଙ୍କୁ ସୂଚନା ଦେଇଥିଲେ। ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ସିଡିପିଓ ନନ୍ଦିନୀପ୍ରଭା ଲେଙ୍କା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବ୍ରୁ, ସ୍ମୃତିରାଣୀ ରାଉତ, ବିପିଏମ୍ ରବୀନ୍ଦ୍ର ଜେନା, ବିପିସି ସସ୍ମିତା ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ ବିନ୍ଧାଣି, ଦାନଗଦି ବିଏଲ୍‌ଏଫ୍ ସଭାନେତ୍ରୀ କୁସୁମ ଘଡ଼ାଇ, ସମ୍ପାଦିକା କୌଶଲ୍ୟା ବଳ ଓ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପାର୍ଥସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବୋନ୍ କ୍ୟାନ୍‌ସରରେ ପୀଡ଼ିତ ୩ ବର୍ଷର ଶିଶୁ

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

କୋରେଇ,୨୮।୨(ଚନ୍ଦ୍ରକାନ୍ତ ପତି):

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରି ପଞ୍ଚାୟତ ରଗଡ଼ି ଗ୍ରାମର ରାଜେନ୍ଦ୍ର ରାଉତ ଓ କନକ ରାଉତଙ୍କ ୩ ବର୍ଷର ଶିଶୁପୁତ୍ର ଦୀପକ ରାଉତ ବୋନ କ୍ୟାନ୍‌ସରରେ ପୀଡ଼ିତ ହୋଇ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରାୟ ୬ ମାସ ତଳେ ଦୀପକଙ୍କୁ ଜ୍ୱର ଲାଗି ରହିବାରୁ ରାଜେନ୍ଦ୍ର ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ୧ ମାସ ରହିବା ପରେ ସାମାନ୍ୟ ଭଲ ହେବାରୁ ଘରକୁ ନେଇ ଆସିଥିଲେ। ହେଲେ ୫ରୁ ୧୦ ଦିନ ପରେ ପୁଣିଥରେ ଜ୍ୱର ହେବାରୁ ତାଙ୍କୁ ପରିବାର ଲୋକେ ପୁନର୍ବାର କଟକ ନେଇଥିଲେ। ପୁନଶ୍ଚ ୨ ମାସ ସେଠାରେ ରହିବା ପରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି ଡାକ୍ତର ଶିଶୁଟିକୁ ବୋନ୍ କ୍ୟାନ୍‌ସର ହୋଇଛି ବୋଲି ରିପୋର୍ଟ ଦେଇଥିଲେ। ଏହାପରେ ଦୀପକଙ୍କୁ ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୨ ମାସ ହେବ ଦୀପକ ଚିକିତ୍ସିତ ହୋଇ ଆସୁଥିଲେ ହେଁ ଏବେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଅପରେଶନ ପାଇଁ ୧୦ ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି। ରାଜେନ୍ଦ୍ର ଜଣେ ରଙ୍ଗ ମିସ୍ତ୍ରି। ଯାହାକିଛି ଅର୍ଥ ଥିଲା ପୁଅର ଚିକିତ୍ସାରେ ଶେଷ ହୋଇସାରିଛି। ଏବେ ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପାଇଁ ସମ୍ଭବ ନୁହେଁ ବୋଲି ରାଜେନ୍ଦ୍ର କହିଛନ୍ତି। ତେବେ ସରକାରୀ ସହାୟତା ମିଳିଲେ ପୁଅ ଭଲ ହୋଇପାରନ୍ତା ବୋଲି ଦୀପକଙ୍କ ମା' କନକ ରାଉତ କୋହ ଭରା କଣ୍ଠରେ କହିଛନ୍ତି। ଅନ୍ୟପକ୍ଷରେ କୌଣସି ସ୍ୱେଚ୍ଛାସେବୀ ସଂଗଠନ କିମ୍ବା ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ଦୀପକ ସୁସ୍ଥ ହୋଇପାରନ୍ତେ ବୋଲି କେତେଜଣ ସାମାଜିକ କର୍ମୀ ମତବ୍ୟକ୍ତ କରିଛନ୍ତି।


ବୋନ କ୍ୟାନ୍‌ସରରେ ପୀଡ଼ିତ ଦୀପକ ।

# ଏନ୍‌ଏସ୍‌ସିକୁ ରିପୋର୍ଟ ମାଗିଲା କୃଷି ବିଭାଗ

## ସୁକିନ୍ଦା ବିହନଫାର୍ମ ଜରାଜୀର୍ଣ୍ଣ ପ୍ରସଙ୍ଗ

ଯାଜପୁର,୨୮।୨ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାର ଦୀର୍ଘ ୭୬ ବର୍ଷ ପୁରୁଣା ଏକମାତ୍ର ସୁକିନ୍ଦା ବିହନ ଫାର୍ମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ୨୦୨୧ରେ ପିଜୁଳି ଚାରା ରୋପଣ ବିରୋଧରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ଏବଂ ପରେ ବଡ଼ଚଣାକୁ ଉକ୍ତ ପ୍ରକଳ୍ପ ସ୍ଥାନାନ୍ତରଣ ହେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ସ୍ଥାନୀୟ ପ୍ରାୟ ୫୦୦ ଶ୍ରମିକ ଜୀବିକା ହରାଇଛନ୍ତି। ସ୍ଥାନୀୟ ନେତୃମଣ୍ଡଳୀ ମଧ୍ୟ ଏନେଇ ହାତ ଟେକି ଦେଇଛନ୍ତି। ଏହି କ୍ରମରେ ସୁକିନ୍ଦା ବିହନ ଫାର୍ମର ପୁନରୁଦ୍ଧାର ପାଇଁ ଯାଜପୁର ସିଭିଲ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କୋଲକୋତା ନ୍ୟାଶନାଲ ସିଡ୍ସ କର୍ପୋରେଶନ ଲି଼(ଏନଏସସି), କୃଷି ନିର୍ଦ୍ଦେଶକ ଏବଂ ଓଏସ୍‌ଏସ୍‌ସି ଲି଼ର ଏମ୍‌ଡିଙ୍କୁ ରିପୋର୍ଟ ତଲବ କରାଯାଇଛି। ଏହି ଘଟଣାକୁ ଗୁରୁତ୍ୱ ଭାବେ ଗ୍ରହଣ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ହୋଇଛି। ଫଳରେ ସୁକିନ୍ଦା ବିହନ ଫାର୍ମର ପୁନଃ କାର୍ଯ୍ୟକ୍ଷମ ଆଶା ଉଜ୍ଜୀବିତ ହୋଇଛି।

ଏସିଆ ମହାଦେଶର ସର୍ବବୃହତ୍ ବିହନ ଉତ୍ପାଦନ ଫାର୍ମକୁ ଖୋଦ୍ ସରକାର ଘରୋଇକରଣ କରିବା କାରଣରୁ ଶତାଧିକ ମହିଳା ଶ୍ରମିକଙ୍କ ହାତରେ ବେଡି ପଡିଛି। ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦାମୋଦରପୁରଠାରେ ୧୯୪୮ରେ ଏକ ବିହନ ଉତ୍ପାଦନ କ୍ଷେତ୍ର (ସୁକିନ୍ଦା ବିହନ ଫାର୍ମ ) ପ୍ରତିଷ୍ଠା ହୋଇଥିଲା। ଉକ୍ତ ଫାର୍ମରେ ଧାନଠାରୁ ମୁଗ, ବିରି, ବାଜରା, କୋଳଥ, ଚିନାବାଦାମ, କଖାରୁ, ବୋଇତାଳୁ, ନଳିତା, ଧଣ୍ଡିଚା, ମକା, ସୋରିଷ ଭଳି ବିଭିନ୍ନ ଫସଲ ଚାଷ ହେଉଥିଲା। ସେଠାରେ ବିହନ ଉତ୍ପାଦନ ହଳ ବଳଦ ମାଧ୍ୟମରେ କରାଯାଉଥିଲା। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ମୂଳଖମ୍ଭ, ଦାମୋଦରପୁର, କୁହିକା, ପିମ୍ପୁଡିଆ, ବନ୍ଧଗାଁ, ମାଣତିରା, ନୋଟିସାହି, ଗୋଡିସାହି, ଆମ୍ବପାଳ, ଅର୍ଜୁନଝର, ନୂଆ ଗନ୍ଧାପାଳ, ମଙ୍ଗଳପୁର, କଞ୍ଚିବୁଆଁ, ପୁବଳ ଆଦି ଗ୍ରାମର ମହିଳା ଶ୍ରମିକମାନଙ୍କୁ ନେଇ ତଳି ରୁଆ ପୋତା, ଫସଲ ବାଛିବା, ଅମଳ କରିବା ପର୍ଯ୍ୟନ୍ତ କାମରେ ନିୟୋଜିତ କରାଯାଉଥିଲା। ଶ୍ରମିକମାନେ ଏଥିରେ ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ସେହିଭଳି ହଳ ବୁଲେଇବା, ସାର, ଔଷଧ ପକାଇବା ଓ ଅନ୍ୟାନ୍ୟ କାମ ନିମନ୍ତେ ପୁରୁଷ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଥିଲା। ଉକ୍ତ ଫାର୍ମ ବିହନ ଉତ୍ପାଦନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। କିନ୍ତୁ ରାଜ୍ୟ ସରକାର ଗତ ଜୁଲାଇ ୨୦୧୬ରେ ଏହି ଫାର୍ମର ଚାଷ ଜମିକୁ ଏନ୍‌ଏସ୍‌ସି ସହ ଚୁକ୍ତି କରି ତାକୁ ସମସ୍ତ କାର୍ଯ୍ୟର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେ ଶ୍ରମିକମାନଙ୍କୁ ଅଣଦେଖା କରିବାରୁ ଶାନ୍ତିପୂର୍ଣ୍ଣ ଭାବେ କାମ ପାଇଁ ଆନ୍ଦୋଳନ କରିଥିଲେ। ଏଭଳି ସ୍ଥଳେ ଏନ୍‌ଏସ୍‌ସି ନିଜେ କାମ ନ କରି ଝାଡ଼ଖଣ୍ଡର ଗୋବିନ୍ଦ ଇଞ୍ଜିନିୟରିଂ ନାମକ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ହସ୍ତାନ୍ତର କରିଥିଲା। ଏହି ଠିକାସଂସ୍ଥା ମଧ୍ୟ ଶ୍ରମିକମାନଙ୍କ ସ୍ୱାର୍ଥକୁ ଅଣଦେଖା କରି ଫାର୍ମକୁ ସମ୍ପୂର୍ଣ୍ଣ ଭାବେ ଅଚଳ କରି ଦେଇଥିଲା। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ସିଭିଲ ସୋସାଇଟି ରାଜ୍ୟ ସରକାରଙ୍କ ସହ ରାଜ୍ୟ କୃଷିବିଭାଗ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାପରେ ରାଜ୍ୟ କୃଷି ବିଭାଗର ଉପନିର୍ଦ୍ଦେଶକ ସୁଜାତା ପ୍ରିୟମ୍ବଦା ପରିଡ଼ା ଅବିଳମ୍ବେ ଏହାର ତଦନ୍ତକରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

# ଗାଡ଼ିରେ ବସି ବରକନ୍ୟା ୬ ଘଣ୍ଟା ଅଟକ

- ପୂର୍ବତନ ବ୍ଲକ ଯୁବ କଂଗ୍ରେସ ସଭାପତିଙ୍କ ଉନ୍ମତ୍ତକାଣ୍ଡ
- ପୋଡ଼ିଦେଲେ ଅଟୋରିକ୍ସା
- ୬୬ ହଜାର ଟଙ୍କା ଜରିମାନା ପରେ ମୁକୁଳିଲେ

ରାଜନଗର,୨୮।୨(ଭାସ୍କର ରାଉତରାୟ)

ବରଯାତ୍ରୀ କନ୍ୟାଘର ଗାଁରେ ପହଞ୍ଚିବା ପରେ ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ । ଗାଁ ଲୋକେ ଏହାକୁ ବିରୋଧ କରିଥିଲେ । ଫଳରେ ବରଯାତ୍ରୀଙ୍କ ମଧ୍ୟରୁ କେତେଜଣ ଯୁବକ ଗାଁକୁ ଜାଳିଦେବା ପାଇଁ ଏକ ଅଟୋରିକ୍ସାରେ ନିଆଁ ଲଗାଇ ଦେଇଥିଲେ। ଏଥିଯୋଗୁ ଅଟୋରିକ୍ସାଟି ସମ୍ପୂର୍ଣ୍ଣ ପୋଡିଯିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ଗାଡ଼ିରେ ବସିଥିବା ବରକନ୍ୟାଙ୍କୁ ପ୍ରାୟ ୬ ଘଣ୍ଟା ଅଟକ ରଖିଥିଲେ। ଶେଷରେ ଉଭୟ ପକ୍ଷଙ୍କ ମଧ୍ୟରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା। ବରପକ୍ଷ ଅଟୋରିକ୍ସା ପୋଡ଼ିବା ବାବଦରେ ୬୫ ହଜାର ଟଙ୍କା ଓ ଗାଁକୁ ୧ହଜାର ଟଙ୍କା ଜରିମାନା ଦେବା ପରେ ବରକନ୍ୟା ମୁକୁଳିଥିଲେ। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କଏଥା ଗାଁର ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ରାଜନଗର ଥାନା ହାତିନା ପଞ୍ଚାୟତ କଏଥା ଗାଁର ପ୍ରଫୁଲ୍ଲ ପଢିହାରୀଙ୍କ ଝିଅଙ୍କ ସହିତ ଏହି ଥାନା ଅଧୀନ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଗାଁର ହରେକୃଷ୍ଣ ରାଉଳଙ୍କ ପୁଅ ମାନସଙ୍କ ବାହାଘର ଥିଲା। ବାହାଘର ପାଇଁ ମଙ୍ଗଳବାର ରାତିରେ ବରଙ୍କୁ ନେଇ ବରଯାତ୍ରୀ କଏଥା ଗାଁରେ ପହଞ୍ଚି ଥିଲେ। ବରଯାତ୍ରୀମାନେ ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷା ପ୍ରୟୋଗ କରି ଗାଁଦାଣ୍ଡରେ ନାଚିକୁଦି ଯାଉଥିଲେ। ବର ପହଞ୍ଚିବାରେ ବିଳମ୍ବ ହେବାରୁ କନ୍ୟା ଘର ଲୋକେ ଶୀଘ୍ର ଶୀଘ୍ର ଶୋଭାଯାତ୍ରାକୁ ନେବାକୁ ଚାହୁଁ ଥିଲେ। ଏହାକୁ ନେଇ ଆରମ୍ଭ ହୋଇଥିଲା ବଚସା ଓ ବଚସାରୁ ମାରପିଟ। ଏହାପରେ


ଉତ୍ତେଜନା ପରେ ଗାଁରେ ବସିଥିବା ବୈଠକ।

ଯଦୁଚନ୍ଦ୍ରପୁର ଗାଁର ପ୍ରଭାତ କୁମାର ରାଉଳ ଓ ତାଙ୍କ ସହିତ ଅନ୍ୟ ୩ ଯୁବକ କନ୍ୟାଘର ଗାଁର ଅର୍ଜୁନ ପଢିହାରୀଙ୍କ ଘରର ଗ୍ରୀଲ ବାଡେଇବା ସହ ଘର ଆଗରେ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିଥିଲେ। ଅର୍ଜୁନଙ୍କ ପରିବାର ଲୋକେ ଏହାକୁ ବିରୋଧ କରିବାରୁ ଏହି ଯୁବକମାନେ ତାଙ୍କୁ ଧମକ ଦେଇଥିଲେ। ମୁଁ ଯୁବ କଂଗ୍ରେସ ସଭାପତି ଥିଲି। ମୋ ଦେହରେ ହାତ ଦେଇଛମାନେ ଗାଁକୁ ଜାଳି ପାଉଁଶ କରିଦେବି ବୋଲି ପ୍ରଭାତ କହିବା ସହ ଧମକ ଦେଇଥିଲେ। ଅର୍ଜୁନଙ୍କ ପରିବାର ଲୋକେ ବରଯାତ୍ରୀ ମଦ ପିଇଥିବାରୁ ଏହାକୁ ଗୁରୁତର ସହ ନେଇ ନ ଥିଲେ। ବରଯାତ୍ରୀ ଯିବାପରେ ଅର୍ଜୁନଙ୍କ ପରିବାର ଲୋକେ ଘରର କବାଟ ବନ୍ଦ କରି ଶୋଇଥିଲେ। କିନ୍ତୁ ପ୍ରଭାତ ଅର୍ଜୁନଙ୍କ ଘର ନିକଟରେ ପହଞ୍ଚି ଏକ ଚାଳଘରୁ ଛଣ ଓଲାରି ଅର୍ଜୁନଙ୍କ ଘର ଆଗରେ ଥିବା ଅଟୋରିକ୍ସାରେ ନିଆଁ ଲଗାଇ ଦେଇଥିଲେ । ଅଟୋରିକ୍ସା ପୋଡିଯିବା ପରେ ପ୍ରଭାତ ଓ ନିଜ ସାଙ୍ଗମାନଙ୍କୁ ଧରି ସେଠାରୁ ଚମ୍ପଟ ମାରିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅର୍ଜୁନ ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗାଁରେ ଉତ୍ତେଜନା ପ୍ରକାଶ ପାଇବାରୁ କନ୍ୟାଘର ଲୋକେ ଶୀଘ୍ର ବାହାଘର ସାରି ବରକନ୍ୟାଙ୍କୁ ବିଦା କରିବା ପାଇଁ ଲାଗିପଡିଥିଲେ। ପ୍ରାତଃ ପ୍ରାୟ ୫ଟା ସମୟରେ ବରକନ୍ୟାଙ୍କୁ ଗାଡ଼ିରେ ବସାଇ ବିଦା କରାଯାଉଥିଲା । ହେଲେ ଗାଁ ଲୋକେ ଛାଡି ନ ଥିଲେ। କ୍ଷତିପୂରଣ ନ ମିଳିବା ଯାଏ ବରକନ୍ୟା ଯାଇ ପାରିବେନି ବୋଲି ଗ୍ରାମବାସୀ ଅଡ଼ି ବସିବା ସହିତ ରାସ୍ତାରୋକୋ କରିଥିଲେ। ଏହି ବିବାଦକୁ ନେଇ ବରକନ୍ୟା ପ୍ରାୟ ୬ଘଣ୍ଟା ଗାଡ଼ିରେ ବସି ରହିଥିଲେ। ଶେଷରେ ଗାଁରେ ବୈଠକ ବସିବା ପରେ ଏହି ବିବାଦର ସମାଧାନ ହୋଇଥିଲା । ଅଟୋରିକ୍ସା ପୋଡ଼ି ବାବଦରେ ୬୫ ହଜାର ଟଙ୍କା ଓ ଗାଁରେ ଅଶାନ୍ତି ସୃଷ୍ଟି କରିଥିବାରୁ ୧ ହଜାର ଟଙ୍କା ଜରିମାନା ବରପକ୍ଷ ଦେବା ପରେ ବରକନ୍ୟା ମୁକୁଳି ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅରୁଣ


@ ବନ୍ଧନ


@ କାର୍ତ୍ତିକ


@ ମିଳନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ନାଉଗାଁ,୨୮।୨(ସୁଧା ବେହୁରା)

ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ବିଡିଓ ତପନ କୁମାର ମହାପାତ୍ର, ଅଧ୍ୟାପକ ପ୍ରଭାତ କୁମାର ଶତପଥୀ, ବିଜୟିନୀ ପଢିହାରୀ, ହୃଦାନନ୍ଦ ସ୍ୱାଇଁ, ଚୈତନ୍ୟ ଚରଣ ପରିଡା, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଦିଲୀପ କୁମାର ଜେନା, ଗୋପାଳ କୃଷ୍ଣ ମିଶ୍ର, ତପନ କୁମାର ବେହେରା ପ୍ରମୁଖ ଯୋଗଦେଇ ନାରୀ ଶକ୍ତି, ସଂସଦରେ ମହିଳାମାନଙ୍କର ଭୂମିକା, ସାମ୍ପ୍ରତିକ ରାଜନୀତିରେ ଯୁବକମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ଅନସୂୟା ସାହୁ, ପ୍ରସନ୍ନଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରାଜରାସ୍ତାକୁ ଓହ୍ଲାଇଲା ଭାଜପା ଯୁବମୋର୍ଚ୍ଚା


ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

- ଆଜି,ରାଜକନିକାକୁ ଏନ୍ଏସି ମାନ୍ୟତା ମିଳିଲା ନାହିଁ
- ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ରାଜକନିକା,୨୮।୨ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲାର ଆଳି, ରାଜକନିକା ୨ ବ୍ଲକରୁ କୌଣସି ଗୋଟିଏ ବ୍ଲକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ମିଳିଲା ନାହିଁ। ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର ଭାଜପା ଯୁବମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ କୁଶପୁତ୍ତଳିକା ଦାହ କରିଥିଲା ।

ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ୍ ଦାସଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କରଙ୍କ ସଂଯୋଜନା, ଜିଲା ଯୁବମୋର୍ଚ୍ଚା ସଂଯୋଜକ ଦୀପକ କୁମାର ମଲିକଙ୍କ ସହଯୋଗରେ ଶତାଧିକ ସଦସ୍ୟ ଓ କର୍ମୀ ରାଜକନିକା ହସ୍ପିଟାଲ ଛକରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟାଳୟରୁ ବାହାରି କଣ୍ଟପଡା ବଜାର ଦେଇ କଲେଜ ଛକରେ ପହଞ୍ଚିଥିଲେ। ସେମାନେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପଥପ୍ରାନ୍ତ ସଭା କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏବଂ ବିଧାୟକ ତଥା ଶକ୍ତିମନ୍ତ୍ରୀ ଦେବଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଏହା ରାଜ୍ୟ ସରକାରଙ୍କ ବୈମାତୃକ ନୀତି ବୋଲି ବକ୍ତାମାନେ କହିଥିଲେ। ତୁରନ୍ତ ରାଜ୍ୟ ସରକାର ଏହାର ପୁନର୍ବିଚାର କରନ୍ତୁ। କୌଣସି ଗୋଟିଏ ବ୍ଲକ୍‌କୁ ଏନ୍ଏସି ମାନ୍ୟତା ପ୍ରଦାନ କରନ୍ତୁ। ନଚେତ୍ ଏହି ଆନ୍ଦୋଳନ ଜୋର ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବରାହ ପଣ୍ଡା, ୨୮ନଂ. ଜୋନ ସଭାପତି ରାଜେନ୍ଦ୍ର ବେହେରା, ୨୯ନଂ.ଜୋନସଭାପତିଦିଲୀପ ପରିଡା, ୩ନଂ.ଜୋନ୍ ସଭାପତି ରଞ୍ଜନ ରାଉତ, ୪ନଂ.ଜୋନ ସଭାପତି ଅକ୍ଷୟ ବେହେରା, ୨୮ନଂ. ଜୋନ ଯୁବମୋର୍ଚ୍ଚା ସଭାପତି ପ୍ରୀତିରଞ୍ଜନ ନାୟକଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚା ସଦସ୍ୟ ଓ କର୍ମୀ ଏହି ଆନ୍ଦୋଳନାରେ ସାମିଲ ହୋଇ ଥିଲେ।

## ସଂସ୍କୃତ ପରୀକ୍ଷାରେ ୧୭୩୨ ପରୀକ୍ଷାର୍ଥୀ



ଡେରାବିଶ,୨୮। ୨(ବେବର୍ତ୍ତା ଅଜୟ ଦାସ)

ମାଧ୍ୟମିକ ଶିକ୍ଷା ବୋର୍ଡ଼ ପକ୍ଷରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାର ବୁଧବାର ଥିଲା ତୃତୀୟ ଦିନ । ତୃତୀୟ ଦିନ ସଂସ୍କୃତ ପରୀକ୍ଷାରେ ଡେରାବିଶ ବ୍ଲକର ସମୁଦାୟ ୯ କେନ୍ଦ୍ରରେ ୧୭୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ କେନ୍ଦ୍ର ମଧ୍ୟକୁ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ସକାଳ ୮ଟା ୩୦ ମିନିଟ୍ ସମୟରେ ପ୍ରତ୍ୟେକ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରିଚୟ ପତ୍ର ସହ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିଥିଲେ। ସକାଳ ୯ଟାରୁପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରତ୍ୟେକ କେନ୍ଦ୍ରର ମୁଖ୍ୟ ଫାଟକ ନିକଟରେ ପରୀକ୍ଷାର୍ଥୀଙ୍କୁ କଡ଼ାକଡ଼ି ଭାବେ ଯାଂଚ କରିବା ପରେ ଭିତରକୁ ଛଡ଼ା ଯାଇଥିଲା ।

## ଶାରଳା ମନ୍ଦିର ନିକଟରେ ନିର୍ମାଣ ହେବ ମା'ବାସେଳୀଙ୍କ ମନ୍ଦିର

ତିର୍ତ୍ତୋଲ, ୨୮।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁର ମା'ଶାରଳା ମନ୍ଦିର ନିକଟରେ କୈବର୍ତ୍ତ ଜାତିର ଇଷ୍ଟ ଦେବୀ ମା'ବାସେଳୀଙ୍କ ମନ୍ଦିର ଓ ଏକ ସଭାଗୃହ ନିର୍ମାଣ ହେବ। ଏନେଇ ୫-ଟି ପକ୍ଷରୁ ଅନୁମୋଦନ ମିଳିଥିବା ଶାରଳା ମଣ୍ଡଳ କୈବର୍ତ୍ତ ମହାସଭାର ସଭାପତି ପ୍ରହ୍ଲାଦ ବେହେରା ସୋମବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର ଜିଲାପାଳଙ୍କ ପକ୍ଷରୁ ଏନେଇ ତାଙ୍କ ପାଖକୁ ଏକ ଚିଠି ପଠାଯାଇଛି। ପଞ୍ଚାୟତିରାଜ ବିଭାଗ ଦ୍ୱାରା ଏହାକୁ ନିର୍ମାଣ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଙ୍ଗଠନିକ ସଭାପତି ତଥା ଶାରଳା ମଣ୍ଡଳ କୈବର୍ତ୍ତ ସଂଘ ସଭାପତି ପ୍ରହ୍ଲାଦ ବେହେରାଙ୍କ ସହ ଏକ ପ୍ରତିନିଧି ଦଳ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଭେଟି ଶାରଳା ମନ୍ଦିର ନିକଟରେ ବାସେଳୀ ମନ୍ଦିର ନିର୍ମାଣ ସହ ଅନ୍ୟ ଦାବି ଉପସ୍ଥାପନ କରିଥିଲେ। ଏଥିସହ ପୂର୍ବରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୈବର୍ତ୍ତ ସଂଗଠନ ତରଫରୁ ଅଭିଯୋଗ ଦିଆଯାଇଥିଲା। ଦୀର୍ଘ ଦିନ ହେବ କୈବର୍ତ୍ତ ଜାତି ଅବହେଳାର ଶିକାର ହେଉଥିବା ଓ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ସେଥିରେ ଦର୍ଶାଯାଇଥିଲା। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ନଦୀ ସଇରାତକୁ ଅଣମତ୍ସ୍ୟଜୀବୀମାନେ ନେଇ ଯାଉଥିବା ବେଳେ ଏହାକୁ ପ୍ରକୃତ ମତ୍ସ୍ୟଜୀବୀମାନଙ୍କୁ ଦୀର୍ଘ ମିଆଦି ସୂତ୍ରରେ ପ୍ରଦାନ କରିବା, ନଦୀକୁ ଘେରିମୁକ୍ତ କରିବା, ପୂର୍ବ ଶିକ୍ଷା ପଦ୍ଧତି ଅନୁଯାୟୀ, ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ, ରାଜ୍ୟରେ ବସବାସ କରୁଥିବା ୨୫ ଲକ୍ଷରୁ ଊର୍ଦ୍ଧ୍ୱ କୈବର୍ତ୍ତଙ୍କୁ ପାରମ୍ପରିକ ମତ୍ସ୍ୟଜୀବୀର ମାନ୍ୟତା ପ୍ରଦାନ, ବନ୍ୟା, ବାତ୍ୟା ଏବଂ ପ୍ରାକୃତିକ ଦୁର୍ବିପାକ ସମୟରେ ମତ୍ସ୍ୟଜୀବୀଙ୍କ ପାଇଁ ବିଶ୍ରାମଗୃହ ସହ ପ୍ରତି ବ୍ଲକରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଆଦି ପ୍ରମୁଖ ଥିଲା। ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଏହି ଦାବିଗୁଡିକୁ ପଠାଯାଇ ତୁରନ୍ତ ଦୃଷ୍ଟି ଦିଆଯିବାକୁ ପ୍ରତିଶ୍ରୁତି ମିଳିଥିବା ପ୍ରହ୍ଲାଦ ବେହେରା ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

## ସୁନାକର ପ୍ରଭାରୀ, ସଦାଶିବ ଭାଜପା ସଂଯୋଜକ


ସୁନାକର ପ୍ରଧାନ


ସଦାଶିବ ଜେନା

ରାଜନଗର,୨୮।୨(ଭାସ୍କର ରାଉତରାୟ)

ଭାଜପା ପକ୍ଷରୁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଭାରୀ ଓ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। ମଙ୍ଗଳବାର ରାଜ୍ୟ ସଭାପତି ମନମୋହନ ସାମଲ ରାଜନଗର ନିର୍ବାଚନମଣ୍ଡଳୀର ପ୍ରଭାରୀ ଭାବେ ବରିଷ୍ଠ ନେତା ସୁନାକର ପ୍ରଧାନ ଓ ସଂଯୋଜକ ଭାବେ ବରିଷ୍ଠ ନେତା ସଦାଶିବ ଜେନାଙ୍କୁ ନିଯୁକ୍ତି ଦେଇଛନ୍ତି। ସୁନାକର ଓ ସଦାଶିବଙ୍କୁ ଦାୟିତ୍ୱ ମିଳିବା ପରେ ରାଜନଗର ଭାଜପାରେ ଖୁସିର ଲହରି ଖେଳିଯାଇଛି।

## ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ।

ରାଜକନିକା,୨୮।୨ (ସଞ୍ଜୟ କୁମାର ଦାଶ)

ଷ୍ଟେଟ ଏକ୍ସ୍ଟ୍ରୋନାଲ ଆସେସମେଣ୍ଟ କାୟାକଳ୍ପ ସାର୍ଟିଫିକେଶନ ଟିମ ବୁଧବାର ଦିନ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ଫେରିଛନ୍ତି । କାୟାକଳ୍ପର ୩ଜଣିଆ ଟିମ୍‌ରେ ଡ.ପ୍ରଶାନ୍ତ କୁମାର ହୋତା, ଡା. ଅନିଲ ପଟ୍ଟନାୟକ ଓ ବାଲଚନ୍ଦ୍ରନ ବିଏଲ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଆସି ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିଥିଲେ। କ୍ୟାମ୍ପସ ବୁଲି ଦେଖିବା ସହ ସିଧାସଳଖ ରୋଗୀଙ୍କୁ ହସ୍ପିଟାଲରୁ ମିଳୁଥିବା ସୁବିଧା ସୁଯୋଗ ଓ ଔଷଧ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ହସ୍ପିଟାଲର ପ୍ରତ୍ୟେକ କଠୋରୀ ସହ ଆଉଟଡୋର, ଲେବରରୁମ, ରୋଗୀ ପ୍ରତୀକ୍ଷାଳୟ, ଔଷଧ ବିତରଣ କେନ୍ଦ୍ର ଆଦି ବୁଲି ଦେଖିବା ସହ ଖାତାପତ୍ର ଯାଞ୍ଚ କରିଥିଲେ ।

ଏହି ଟିମ୍‌ର ସଦସ୍ୟଙ୍କ ଟିପ୍ପଣୀ ଅନୁଯାୟୀ, ଓଡିଶାସ୍ତରରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ରାଙ୍କିଂ ସ୍ଥିର କରାଯିବା ସହ ସରକାରଙ୍କ ପକ୍ଷରୁ ପୁରସ୍କାର ପ୍ରଦାନର ପ୍ରାବଧାନ ରହିଛି । ଏହି ଟିମ୍‌କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର(ଇନ୍‌ଚାର୍ଜ) ଡା. ବାଦଲ କୁମାର ମହାନ୍ତି, ବିପିଏମ୍ ବିଶ୍ୱରଞ୍ଜନ ଜେନା, ବିଏଏମ୍ ସୁଶାନ୍ତ କୁମାର ସାହୁ ଓ ବିଡିଏ ସ୍ୱରୂପ ରାଉତ ଓ ମୁଖ୍ୟ ଲିପିକ ରବିନାରାୟଣ ମହାପାତ୍ର, ପ୍ରଶାନ୍ତ କୁମାର ନାୟକ ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବହୁ ପ୍ରତୀକ୍ଷିତ ଗୋବରୀ ହାଇଲେଭଲ ବ୍ରିଜ୍ ଲୋକାର୍ପିତ

ମହାକାଳପଡ଼ା,୨୮।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ଅବ୍ୟାହତ ରହିଛି। ପ୍ରତି କୋଣଅନୁକୋଣରେ ଦ୍ରୁତଗତିରେ ପ୍ରକଳ୍ପ ନିର୍ମାଣ ଚାଲିଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ମହାକାଳପଡ଼ାରେ ଦେଶର ବୃହତ୍ ଇସ୍ପାତ୍ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ବୁଧବାର ବହୁ ପ୍ରତୀକ୍ଷିତ ଗୋବରୀ ନଦୀ ଉପରେ ନିର୍ମିତ ହାଇଲେବଲ ବ୍ରିଜ୍ ଲୋକାର୍ପଣ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ।

ମହାକାଳପଡ଼ା ବ୍ଲକ ଅଧୀନ ମିଳନ ମୋଡ଼ ଛକଠାରେ ଗୋବରୀ ନଦୀ ଉପରେ ୧୪ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ହାଇଲେବଲ ବ୍ରିଜ୍ ନିର୍ମାଣ ହୋଇଥିଲା । ଏହି ବ୍ରିଜ୍‌କୁ ମନ୍ତ୍ରୀ ଉଦ୍‌ଘାଟନ କରିବା ସହିତ ବିକାଶ କ୍ଷେତ୍ରରେ ମହାକାଳପଡ଼ା ଅଞ୍ଚଳରେ ଯଥେଷ୍ଟ ଉନ୍ନତିମୂଳକ କାର୍ଯ୍ୟ ଶେଷ ହୋଇଛି। ଏଥିପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିଲେ । ମହାକାଳପଡ଼ାର ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଥମେ ବିଜୁ ବାବୁ ୧୯୭୧ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତା'ପରଠାରୁ ବିଜୁ ବାବୁଙ୍କୁ ଭୁଲି ନାହାନ୍ତି ମହାକାଳପଡ଼ାବାସୀ। ଏହି ଅଞ୍ଚଳର ବିକାଶ ପାଇଁ ବିଜୁ ବାବୁଙ୍କ ଅନେକ ସପ୍ନ ଥିଲା। ତାହା ପୂରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗମନାଗମନ କ୍ଷେତ୍ରରେ ଏହି ଅଞ୍ଚଳ ଯଥେଷ୍ଟ ଆଗରେ ରହିଛି। ଆଗାମୀ ସାଧାରଣ ନିର୍ବାଚନାରେ ନବୀନ ପଟ୍ଟନାୟକ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବେ ବୋଲି ମନ୍ତ୍ରୀ ନାୟକ ମତବ୍ୟକ୍ତ କରିଥିଲେ।

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ, ଶିଳାନ୍ୟାସ


ଲୋକାର୍ପଣ ପରେ ଗୋବରୀ ହାଇଲେଭଲ ବ୍ରିଜ୍ ଉପରେ ମନ୍ତ୍ରୀ ଓ ସ୍ଥାନୀୟ ଜନସାଧାରଣ ।

ଏହି ଅବସରରେ ସୁନିତି ପଞ୍ଚାୟତର ଉତ୍ତର ସୁନିତି ଠାରେ ଉଚ୍ଚ ଲୁଣା ଘେରି ବନ୍ଧ ନିର୍ମାଣର ଶିଳାନ୍ୟାସ, ଜମ୍ବୁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ, ରଡିଆ କଂସାର ସୁଦୃଢ଼ ଓ ଉଚ୍ଚ ଲୁଣା ଘେରି ବନ୍ଧର ଶିଳାନ୍ୟାସ , ଗୋବରୀ ନଦୀ ଉପରେ ତରପଦା ଗ୍ରାମ ନିକଟରେ ଏକ ବିଜୁ ସେତୁ ନିର୍ମାଣ ପାଇଁ ମନ୍ତ୍ରୀ ନାୟକ ଶିଳାନ୍ୟାସ କରିଥିଲେ। ପରେ ମିଳନ ମୋଡ଼ଠାରେ ଆୟୋଜିତ ସଭାରେ ଯୋଗ ଦେଇ ସ୍ଥାନୀୟ ୬ ପଞ୍ଚାୟତର ୪ଶହରୁ ଊର୍ଦ୍ଧ୍ୱ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ସଭାରେ ବିଡ଼ିଓ ସାଗର କୁମାର ନନ୍ଦ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବରିଷ୍ଠ ନେତା ଶ୍ରୀଧର ସାମଲ, ଜିଲା ପରିଷଦ ସଭ୍ୟ ଅପୁ ପରିଡ଼ା, ଦେବଦତ୍ତ ପରିଡ଼ା, ମନୋଜ ପାତ୍ର, ଗଗନ ପ୍ରଧାନ, ସମବାୟ ସଭାପତି ଉଦୟ ଦାସ, ସୁବାସ ମହାନ୍ତି, ବିଷ୍ଣୁ ରାଉତ, ପ୍ରଶାନ୍ତ ପ୍ରଧାନ, କୈଳାସ ରାଉତ, ହେମନ୍ତ ସାହୁଙ୍କ ସମେତ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଦୀ ତଟ ବନ୍ଧ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଟ୍ରକ ଧକ୍କାରେ ଫାଷ୍ଟଫୁଡ୍ ଦୋକାନ ଭାଙ୍ଗିଲା

ନୟାଗଡ,(ଲୋକନାଥ ମିଶ୍ର): ଇଟାମାଟି ବଜାର ଇଟାମାଟି ଥାନାର ବୁଲାଣି ଠାରେ ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏକ ଫାଷ୍ଟଫୁଡ ଦୋକାନ ଭାଙ୍ଗି ଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରକ ଫାଷ୍ଟଫୁଡ ଦୋକାନକୁ ଧକ୍କା ଦେବା ପରେ ଏଭଳି ଅସୁବିଧା ସୃଷ୍ଟି ହୋଇଛି। ଟ୍ରକ ଚାଳକ ଓ ହେଲପର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।




ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲରେ ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ଏକାଡେମୀର ଆରକ୍ଷୀ ମହାନିର୍ଦ୍ଦେଶକ ସାଇନି ଏସ୍ ଅଭିବାଦନ ଗ୍ରହଣ କରୁଛନ୍ତି।

# ଆରକ୍ଷୀ ପ୍ରଶିକ୍ଷଣ ଦୀକ୍ଷାନ୍ତ ସମାରୋହ

**ନୟାଗଡ,୨୮।୨(ଲୋକନାଥ ମିଶ୍ର)**

ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ୍(ପିଟିଏସ୍)ରେ ୫୪ତମ ଆରକ୍ଷୀ ପ୍ରଶିକ୍ଷଣ ଦୀକ୍ଷାନ୍ତ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୯ମାସିଆ ତାଲିମ ନେଇ ୪୪୬ କନ୍‌ଷ୍ଟେବଲ ପିଟିଏସ୍ ଛାଡିଛନ୍ତି। ପିଟିଏସ୍ ପକ୍ଷରୁ ବୁଧବାର ଆରକ୍ଷୀ ପ୍ରଶିକ୍ଷଣ ଦୀକ୍ଷାନ୍ତ ସମାରୋହ କରାଯାଇ ସେମାନଙ୍କୁ ପାସ୍ ଆଉଟ୍ କରାଯାଇଛି। ଆରକ୍ଷୀ ପ୍ରଶିକ୍ଷଣ ଦୀକ୍ଷାନ୍ତ ସମାରୋହରେ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀର ଆରକ୍ଷୀ ମହାନିର୍ଦ୍ଦେଶକ ସାଇନି ଏସ୍ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ନୟାଗଡ ଏସ୍‌ପି ରାହୁଲ୍ ଜୈନ୍ , ପିଟିଏସ୍‌ର ପ୍ରିନ୍ସିପାଲ୍ ଭବେଶ କୁମାର ନାୟକ ଉପସ୍ଥିତ ଥିଲେ।

ପ୍ରକାଶଯେ ଖୋର୍ଦ୍ଧା , ଯାଜପୁର, ବୌଦ୍ଧ , କଳାହାଣ୍ଡି , ବାଲେଶ୍ୱର , ଗଜପତି ଓ ଗଞ୍ଜାମ ଜିଲାର ୪୫୦ଜଣ କନ୍‌ଷ୍ଟେବଲ ୨୦୨୩ ମେ ୧୦ ତାରିଖରେ ନୟାଗଡ ପୋଲିସ ଟ୍ରେନିଂ ସ୍କୁଲରେ ତାଲିମ ପାଇଁ ଆସିଥିଲେ। ଏଥିରୁ ୪ଜଣ ଚାକିରି ପାଇଁ ଅନ୍ୟତ୍ର ଚାଲି ଯାଇଥିଲେ। ଅବଶିଷ୍ଟ ୪୪୬ଜଣ କନ୍‌ଷ୍ଟେବଲ ତାଲିମ ନେଇଥିଲେ। ପ୍ରଶିକ୍ଷାର୍ଥୀମାନେ ତାଲିମ ସମୟରେ ନୂତନ ସିଲାବସ୍ ଅନୁଯାୟୀ ଅସ୍ତ୍ରଶସ୍ତ୍ର ଚାଳନା , ଶାରିରୀକ ଶିକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଲାଠିଚାଳନା, ଲୁହବୁହା ବାଷ୍ପର ପ୍ରୟୋଗ, ଜନସାଧାରଣଙ୍କ ପ୍ରତି ପୋଲିସର ବ୍ୟବହାର ଏବଂ ଆଇନ ସମ୍ବନ୍ଧିୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଲିମ୍ ନେଇଛନ୍ତି। ପାସ୍ ଆଉଟ୍ ପରେ କନ୍‌ଷ୍ଟେବଲମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରେ ଯୋଗଦେଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିବେ। ତାଲିମ୍ ସମୟରେ ଇନ୍‌ଡୋରରେ ବୌଦ୍ଧ ଜିଲାର ନରହରି କର୍ମୀ, ଖୋର୍ଦ୍ଧା ଜିଲାର ସାବିତ୍ରୀ ବଳିଆରସିଂ, ବାଲେଶ୍ୱର ଜିଲାର ରଶ୍ମିତା ଘଡେଇ, ଗଞ୍ଜାମ ଜିଲାର ରଚନା ମହନ୍ତ,

**ପାସ୍ ଆଉଟ୍ ହେଲେ ୪୪୬ କନ୍‌ଷ୍ଟେବଲ**

ଆଉଟ୍ ଡୋରରେ ଖୋର୍ଦ୍ଧା ଜିଲାର ସାବିତ୍ରୀ ବଳିଆରସିଂ ଓ ପଞ୍ଚାନନ ସେଠୀ, କଳାହାଣ୍ଡି ଜିଲାର ଓମ୍ ଶେଖର ପଣ୍ଡା ପୁରସ୍କୃତ ହୋଇଥିଲେ। ସେହିପରି ଟ୍ରେନିଂ କନ୍‌ଷ୍ଟେବଲ ଭାବେ ଗଜପତି ଜିଲାର ସାସନମୁ ପବନ କୁମାର, କଳାହାଣ୍ଡି ଜିଲାର ଯଶୋବନ୍ତ ନେଲ, ଗଞ୍ଜାମ ଜିଲାର କେ.ମିନା, ଆଉଟ୍ ଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁଶନରେ ଖୋର୍ଦ୍ଧା ଜିଲାର ଦିପକ କୁମାର ଦାସ, ଗଜପତି ଜିଲାର ଦାନାନା କୁମାର ସାଇ, ପରେଡ କମାଣ୍ଡର ଭାବେ ଖୋର୍ଦ୍ଧା ଜିଲାର ସାବିତ୍ରୀ ବଳିଆରସିଂ, ସେକେଣ୍ଡ କମାଣ୍ଡର ବାଲେଶ୍ୱରର ଶୁଭକାନ୍ତ ପଣ୍ଡା, ବେଷ୍ଟ ଓମେନ ଭାବେ ଖୋର୍ଦ୍ଧା ଜିଲାର ସାବିତ୍ରୀ ବଳିଆରସିଂ ପ୍ରମୁଖ ୧୮ଜଣ ସମ୍ବର୍ଦ୍ଧିତ ହୋଇଛନ୍ତି। ତେବେ ଖୋର୍ଦ୍ଧା ଜିଲାର ସାବିତ୍ରୀ ବଳିଆରସିଂ ଚମ୍ପିୟାନ ହୋଇଛନ୍ତି। ଅନ୍ୟପକ୍ଷେ ନୟାଗଡ ପିଟିଏସର ଅବସରପ୍ରାପ୍ତ ପୋଲିସ କର୍ମଚାରୀ କନକଲତା ବିଶୋଇ, ରଙ୍କନିଧି ସାହୁ, ସହଦେବ ସେଠୀ, ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ନିରଞ୍ଜନ ସାହୁ ପ୍ରମୁଖ ୫ଜଣ ଅନୁରୂପ ସମ୍ବର୍ଦ୍ଧିତ ହୋଇଛନ୍ତି।

ଏନେଇ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀର ଆରକ୍ଷୀ ମହାନିର୍ଦ୍ଦେଶକ ସାଇନି ଏସ୍ କୁହନ୍ତି, ପ୍ରଶିକ୍ଷାର୍ଥୀମାନେ ଆଇନ ସମ୍ପର୍କରେ ଜ୍ଞାନ, ତଦନ୍ତରେ ବିଜ୍ଞାନର ଉପକାରିତା, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଚାଳନା, ଲୁହବୁହା ଗ୍ୟାସର ପ୍ରୟୋଗ, ଡ୍ରିଲ, କରାଟି ପରି ବିଭିନ୍ନ ତାଲିମ କନ୍‌ଷ୍ଟେବଲମାନେ ପାଇଛନ୍ତି। ପିଟିଏସ୍‌ରୁ ଆହରଣ କରିଥିବା ଜ୍ଞାନକୁ ନିଜ ନିଜ କର୍ମକ୍ଷେତ୍ରରେ ପ୍ରୟୋଗ କରି ସମାଜର ମଙ୍ଗଳ ପାଇଁ ଉତ୍ସର୍ଗ କରିପାରିଲେ ଓଡିଶା ପୋଲିସର ଯଶ ବୃଦ୍ଧି ହେବ। ପିଟିଏସ୍ ପ୍ରିନସିପାଲ ଭବେଶ କୁମାର ନାୟକ କୁହନ୍ତି,ପିଟିଏସ୍‌ରେ ପାସ ଆଉଟ୍ ହୋଇଥିବା କନ୍‌ଷ୍ଟେବଲମାନେ କାର୍ଯ୍ୟରେ ଯୋଗ ଦେବା ପରେ ଦଳିତ, ଦୁଃଖି ଓ ଅସୁବିଧାରେ ପଡିଥିବା ଲୋକଙ୍କୁ ସହାୟତା କରନ୍ତୁ। ଓଡିଶା ପୋଲିସ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢୁ। ପ୍ରଶିକ୍ଷାର୍ଥୀମାନଙ୍କୁ ଦିଆଯାଇଥିବା ତାଲିମ ଅନୁସାରେ ସେମାନେ ତାଲିମ ସମ୍ବନ୍ଧିୟ ଜ୍ଞାନ ଚାକିରିରେ ପ୍ରୟୋଗ କଲେ ଭଲ ପୋଲିସ ହୋଇ ପାରିବେ। ବିଭିନ୍ନ କ୍ଷେତ୍ରରେ ଚାମ୍ପିୟନ ହୋଇଥିବା ପ୍ରଶିକ୍ଷାର୍ଥୀ ସାବିତ୍ରୀ ବଳିଆରସିଂହ କୁହନ୍ତି ବିବାହର ୬ମାସ ପରେ ମୁଁ ପିଟିଏସରେ ତାଲିମ ନେଇ ଜଣେ ଭଲ ପରେଡ କମାଣ୍ଡର ହୋଇ କାର୍ଯ୍ୟ ସମ୍ପାଦନ କରି ପାରିଛି। ଆମେ ସମାଜ ପାଇଁ ଭଲ କାମ କରିବୁ। ପୋଲିସ ପ୍ରତି ଯେପରି ଲୋକଙ୍କର ଭୟ ନ ରହିବ ସେଥିପ୍ରତି ଗୁରୁତ୍ୱ ଦେବୁ। ମୋ ସ୍ୱାମୀଙ୍କ ପ୍ରେରଣାରେ ମୁଁ ପୋଲିସରେ ଯୋଗ ଦେଇ ମୋର ତାଲିମ ସାରି ଫେରିଛି। ନୟାଗଡ଼ର ତାଲିମ ଆମର ସବୁଦିନ ମନେ ରହିବ ବୋଲି କହିଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅରୁଣ


@ ବନ୍ଦନ


@ କାର୍ତ୍ତିକ


@ ମିଲନ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଘମେଳା ମହୋତ୍ସବ ଉଦ୍‌ଯାପିତ


ମାଘମେଳା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଖଣ୍ଡପଡ଼ା,୨୮।୨ (ଅଜୟ କୁମାର ମହାରଣା)**

କଣ୍ଟିଲୋ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡିଆ ମିନି ଷ୍ଟାଡିୟମ ପରିସରରେ ଗତ ୫ଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ ମାଘମେଳା ମହୋତ୍ସବ ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି।

ଅପରାହ୍ନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ, ଆଧୁନିକ ଓ ଓଡ଼ିଶୀ ନୃତ୍ୟ ବିଶେଷ କରି ଯୁବ କଳାକାର ବିନୋଦ କୁମାର ମହାରଣା(ଚନ୍ଦ୍ରମଣି), ବିଷ୍ଣୁ ମଳିକ(ମକରା) ଓ ରୁଦ୍ର ମାଧବ

**ନାଟକ ପେଟେଣ୍ଟ ମେଡିସିନ,ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକ ବିଭୋର**

ବେହେରା(ସାଆନ୍ତାଣୀ) ପ୍ରମୁଖଙ୍କ ଦ୍ୱାରା ପରିବେଷିତ ନାଟକ ପେଟେଣ୍ଟ ମେଡିସିନ ଦର୍ଶକମାନଙ୍କ ମୁଖ୍ୟ ଆକର୍ଷଣ ଥିଲା। ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି ରୁପେ ଯୋଗଦେଇ ଆମ ସଂସ୍କୃତି ଏବଂ ପରମ୍ପରା ସାରା ବିଶ୍ୱରେ ବନ୍ଦନୀୟ ବୋଲି କହିବା ସହ ମହୋତ୍ସବ ଯେତେ ଲୋକାଭିମୁଖୀ ହେବ ଏ ଅଞ୍ଚଳର ଅର୍ଥନୈତିକ ବିକାଶରେ ଏହା ସହାୟକ ହେବ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଉପାଧକ୍ଷ ଯଥାକ୍ରମେ ଶିଶିର କୁମାର ସାହୁ ଓ ବେଣୁଧର ପ୍ରଧାନ ଏବଂ ସାମାଜିକ କର୍ମୀ ଟିଟନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ମହୋତ୍ସବର ସଫଳତାର ଶ୍ରେୟ ଦେବୋତ୍ତର ବିଭାଗ, ଅଗଣିତ ଜନସାଧାରଣ. ଅଞ୍ଚଳବାସୀ, ସ୍ଥାନୀୟ ଓ ଜିଲା ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଦାନ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନୀଳମାଧବ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବୃଦ୍ଧଙ୍କଠାରୁ ଟଙ୍କା ଲୁଟ୍, ଥାନାରେ ଅଭିଯୋଗ

**ଖଣ୍ଡପଡା,୨୮।୨(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଠାରୁ କୋସକାକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଥିବା ଏକ ହୋଟେଲରେ ମଙ୍ଗଳବାର ଜଣେ ବ୍ୟକ୍ତି ଖାଇ ବସିଥିବା ଅବସ୍ଥାରେ କେହି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଖଣ୍ଡପଡା ବ୍ଲକ ଅଧିନ କିଆଖର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଅର୍ଜୁନ ସାହୁଙ୍କ ଅଭିଯୋଗ କ୍ରମେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ ସେ ଖଳିସାହିସ୍ଥିତ ନେଳିଆ ଛକରେ ଥିବା ଇଣ୍ଡିଆନ ଓଭରସିଜ ବ୍ୟାଙ୍କରୁ ୨ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ରଖିଥିଲେ। ପୂର୍ବରୁ ବ୍ୟାଗରେ ୩୦ ହଜାର ଟଙ୍କା ଥିଲା। ସେ ଖଳିସାହି-କୋସକା ରାସ୍ତା ପାର୍ଶ୍ୱରେ ଥିବା ଏକ ହୋଟେଲରେ ଖାଇବାକୁ ବସିଥିଲେ। ସେ ଖାଇସାରି ହାତ ଧୋଇବା ଅବସ୍ଥାରେ କେହି ତାଙ୍କ ହାତରୁ ଟଙ୍କା ବ୍ୟାଗଟିକୁ ଛଡାଇ ନେଇ ଚମ୍ପଟ ମାରିଥିଲେ। ଅର୍ଜୁନ ଲୁଟେରାଙ୍କ ପିଛା କରି ନିରାଶ ହୋଇ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ସୂଚନା ଦେଇଛନ୍ତି।

## ୨ବଖରା ଦୋକାନ ଘର ଭସ୍ମୀଭୂତ

**ଖଣ୍ଡପଡା,୨୮।୨(ଅଜୟ କୁମାର ମହାରଣା)**

ଖଣ୍ଡପଡା ସହରର ବସଷ୍ଟାଣ୍ଡରେ ଥିବା ପ୍ରସନ୍ନ କୁମାର ସାହୁଙ୍କ ୨ଟି କ୍ୟାବିନ ଦୋକାନରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ରୁପେ ନଷ୍ଟ ହୋଇଯାଇଛି। ରାତି ୧୨ଟାରୁ ୧୨.୩୦ ମଧ୍ୟରେ ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପୋଡି ଯାଇଥିବା ୨ଟି କ୍ୟାବିନ ପାର୍ଶ୍ୱରେ ଥିବା ଆଉ ୨ଟି କ୍ୟାବିନ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛି। କ୍ୟାବିନରେ ଥିବା ଏକ ଫ୍ରିଜର, ଅଣ୍ଡା ଓ ପାଣି ବୋତଲ ସାଙ୍ଗକୁ ଷ୍ଟେଶନାରୀ ସାମଗ୍ରୀ ପୋଡ଼ି ଯାଇଛି। ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିର ପରିମାଣ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

# ବେଣାଗାଡ଼ିଆରେ କର୍ମୀ ସମ୍ମିଳନୀ

**ଖଣ୍ଡପଡ଼ା,୨୮।୨(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧିନ ବେଣାଗାଡ଼ିଆ ଗ୍ରାମରେ ଯୁବ ନେତା ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବ୍ଲକ ଅଧିନ ୨୨ ପଞ୍ଚାୟତରୁ ୫ଶହରୁ ଉର୍ଦ୍ଧ୍ୱ ସଙ୍ଗଠକ, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନେ ସମାବେଶରେ ଯୋଗ ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆୟୋଜିତ କର୍ମୀ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଖଣ୍ଡପଡା ନିର୍ବଚନ ମଣ୍ଡଳୀର ସାମଗ୍ରୀକ ବିକାଶ ନିମନ୍ତେ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା ଥିବା ନେଇ ସମାବେଶରେ ମତ ପ୍ରକାଶ ପାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଯୁବନେତା ସ୍ୱାଇଁ ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ତେଣୁ ପୁଣି ଥରେ ତାଙ୍କୁ ବିଧାୟକ ପ୍ରାର୍ଥୀ କରାଯାଉ ବୋଲି ମତ ପ୍ରକାଶ ପାଇଥିଲା। କର୍ମୀ ସମାବେଶରେ ବରିଷ୍ଠ ସଙ୍ଗଠକ ପ୍ରକାଶ ଚନ୍ଦ୍ର ପଣ୍ଡା, ବେଣାଗାଡିଆ ପଞ୍ଚାୟତ ସରପଞ୍ଚ ବଳରାମ ମଲ୍ଲିକ, ରଙ୍କନିଧି ସାହୁ, ସସ୍ମିନ କୁମାର ସାହୁ, ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା କର୍ମୀ ଓ ନେତା।

# ବେଣାଗାଡ଼ିଆରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଖଣ୍ଡପଡା,୨୮।୨(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧିନ ବେଣାଗାଡିଆ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସାମାଜିକ କର୍ମୀ ଜନ୍ମେଜୟ ନାୟକ, ସଂଗଠକ ସଞ୍ଜୟ ବେହେରା, ତ୍ରିନାଥ ସ୍ୱାଇଁ, ଜଗୁଲି ବିଶ୍ୱାଳ, ବାସୁଦେବ ସାମନ୍ତରାୟ, ସୁନ୍ଦର ଜେନା, କସ୍ତୁରୀ ନାୟକ, ସନ୍ତୋଷ ନାୟକଙ୍କ ସମେତ ବହୁ କର୍ମୀ, ସଂଗଠକ ଓ ଜନ ପ୍ରତିନିଧିମାନେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିଥିଲା। ଏହାପରେ ଘରେ ଘରେ ଶଙ୍ଖଚିହ୍ନ ପୋଷ୍ଟର ମରାଯାଇଥିଲା।



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବିଜେଡି ନେତା ଓ କର୍ମୀ।

# ସିଙ୍ଘାପଡ଼ା-ସମ୍ବରବିନ୍ଧା ରାସ୍ତା କାମକୁ ନେଇ ବିବାଦ

**ଖଣ୍ଡପଡା,୨୮।୨ (ଅଜୟ କୁମାର ମହାରଣା)**

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଙ୍ଘାପଡାଠାରୁ ସମ୍ବରବିନ୍ଧାକୁ ଗମନାଗମନର ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତାର ନବୀକରଣ କରାଯାଉଛି। ୩ କୋଟି ଟଙ୍କା ବ୍ୟୟ ବରାଦରେ ୬.୩କି.ମି. ଦୂରତ୍ୱ ବିଶିଷ୍ଟ ଉକ୍ତ ରାସ୍ତାର ନବୀକରଣ କାମ ଚାଲିଛି। ସମ୍ପ୍ରତି ରାସ୍ତାରେ ପିଚୁ କାମ ଚାଲିଛି। ହେଲେ ନିମ୍ନମାନର କାମ ହେଉଥିବାରୁ ଯାନବାହନ ଚଳାଚଳ ସମୟରେ ପିଚୁ ଉଠି ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ମେଟାଲିଂ କାର୍ଯ୍ୟ ଠିକ୍‌ରେ କରାଯାଇ ନ ଥିବା ବେଳେ ଏବେ କରାଯାଉଥିବା ପିଚୁ କାର୍ଯ୍ୟ ମଧ ଠିକ୍‌ରେ ହେଉ ନ ଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍‌ର ସିଙ୍ଘାପଡା ଗ୍ରାମଠାରୁ ରୂପାପଲ୍ଲୀ ଦେଇ ନୂଆପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୩ ବର୍ଷ ଧରି ମନ୍ଥର ଗତିରେ ଚାଲିଛି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଆଖପାଖ ରୁପାପଲ୍ଲୀ, ହରିହରପ୍ରସାଦ, ନୂଆଗାଁ, କୁଟୁଣୀସିରା, ସମ୍ବରବିନ୍ଧା, ନୂଆପଲ୍ଲୀ, ଗିରିଡ଼ିପଲ୍ଲୀ, ବଡ଼ଝାର, ଟିକିରିବାରୀ, ସାରଣ୍ଡା, ବୁଢ଼ିଝାରି ଆଦି ୧୨ ଆଦିବାସୀ ଅଧ୍ୟୁଷିତ ଗ୍ରାମର ବାସିନ୍ଦା ଦାବି କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ୫-ଟି ଅଧକ୍ଷ, ନୟାଗଡ଼ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଭିଜିଲାନ୍ସ ବିଭାଗକୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ ଶତାଧିକ ଗ୍ରାମବାସୀ ଖଣ୍ଡପଡ଼ା ବାଇପାସ୍‌ଠାରେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି କାର୍ଯ୍ୟରେ

**ଜନ ଅସନ୍ତୋଷ ତେଜିଲା, ରାସ୍ତାରୋକୋ ଚେତାବନୀ**

ଅନିୟମିତତା ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ମିଶ୍ରଙ୍କ ସହ ଯୋଗାଯୋଗ କରିବାରେ ପୂର୍ବରୁ ଯେଉଁ ପିଚୁ କାର୍ଯ୍ୟ ହେଉଥିଲା ତାହା ପରିବର୍ତ୍ତେ ଏବେ କୋଲ୍ଡ ପିଚୁରେ ନିର୍ମାଣ କରାଯାଉଛି। ଏହି କାମ ଉପରେ ବାଲି ପଡ଼ିବାର ବ୍ୟବସ୍ଥା ନାହିଁ। କୋଲ୍ଡ ପିଚୁ କାର୍ଯ୍ୟ କରିବାର ୨୪ ଘଣ୍ଟା ପରେ ଏହି ରାସ୍ତା ଉପରେ ଯାନବାହନ ଚଳାଚଳ କଲେ କୌଣସି ଅସୁବିଧା ହେବ ନାହିଁ। ବିଭାଗୀୟ ବିଧି ବ୍ୟବସ୍ଥା କ୍ରମେ କାର୍ଯ୍ୟରେ ପ୍ରୟୋଗ କରାଯାଉଥିବା ନୂତନ ଟେକ୍‌ନୋଲୋଜିକୁ ଜନସାଧାରଣ କିମ୍ବା ଠିକାଦାର ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେବେ ଗୁରୁବାର କାମ ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଗ୍ରାମବାସୀ ନବନିର୍ମିତ ରାସ୍ତାର ପିଚୁ ଉଠିଯାଉଥିବା ଦେଖାଉଛନ୍ତି।

## ଗୋରୁ ଗାଡ଼ି ଜବତ, ୨ ଗିରଫ

ରସୁଲପୁର :(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ହାଟ ନିକଟରୁ ଏକ ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ି ମାଲିକ ଫିରୋଜ ଖାଁ(୪୫) ଏବଂ ଡ୍ରାଇଭର ସେକ୍ କାଲାମ। ବୁଧବାର ସକାଳେ ଏହି ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମରୁ ଏକ ଟାଟା ଏସିଇ ଗାଡ଼ିରେ ୫ ଗୋରୁ ବୋଝେଇ ହୋଇ ଯାଉଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଉଭୟଙ୍କ ବିରୋଧରେ ଏକ ମାମଲା ନଂ.୧୦୩।୨୪ ରୁଜୁ ହୋଇଛି। ଗୋରୁଗୁଡ଼ିକୁ ଛତିଆର ଗୋଶାଳାଠାରେ ଛାଡ଼ି ଦିଆଯାଇଛି।




# ୧୦ ଦଫା ଦାବିରେ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଘେରାଉ

### ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଯାଜପୁରରୋଡ୍,୨୮।୨(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲାର କୋରେଇ ନିବାଚନମଣ୍ଡଳୀ ରାଜନୈତିକ ଅବହେଳାର ଶିକାର ହୋଇଛି। ୨ ମାସ ତଳେ ଭାଜପା ଯୁବନେତା ଇଂ. ଆଲେକଜାଣ୍ଡାର ଦାସଙ୍କ ଦ୍ୱାରା କୋରେଇରେ ଆରମ୍ଭ ହୋଇଥିଲା ଜନ ଜାଗରଣ ଯାତ୍ରା। ଏହି ଯାତ୍ରାରେ ଦାସ କାର୍ଯ୍ୟକର୍ତ୍ତାଙ୍କ ସହ ଗାଁକୁ ଯାଇ ଲୋକଙ୍କ ସମସ୍ୟା ଆଲୋଚନା କରିବା ସହ ରାତ୍ରିଯାପନ ମଧ୍ୟ କରିଥିଲେ। ଏହି ଦିନଗୁଡ଼ିକରେ ସେ ହୃଦୟଙ୍ଗମ କରିଥିବା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ବୁଧବାର ୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏଥିସହିତ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭୂଅର୍ଜନ ଅଧିକାରୀ ନମ୍ରତା ମୋଦିଙ୍କୁ ପ୍ରଦାନ କରାଯାଇଛି। ଦାବିପୂରଣ ନ ହେଲେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବାକୁ ଚେତବନୀ ଦିଆଯାଇଛି।

ଦାବିପତ୍ରରେ ବ୍ୟାସନଗରକୁ ମହାନଗର ନିଗମର ମାନ୍ୟତା, କୁଆଖିଆକୁ ଏନ୍‌ଏସି ଘୋଷଣା, ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ, ରାଶନ କାର୍ଡ ପ୍ରଦାନ, କଳିଙ୍ଗନଗର ଶିଳ୍ପାଞ୍ଚଳର ଧୂଳିଧୂଆଁ ଖାଉଥିବା କୋରେଇର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଭାଗ, ନଦୀବନ୍ଧର ସୁଦୃଢ଼ୀକରଣ, ରାସ୍ତା ନିର୍ମାଣ, ପାନୀୟ ଜଳର ସଙ୍କଟ ଦୂର ପାଇଁ ପଦକ୍ଷେପ, ଅର୍ଥ ଅଭାବରୁ ପାଠ ଛାଡୁଥିବା ଯୁବତୀଯୁବକଙ୍କ ପାଇଁ ଆର୍ଥିକ ସହାୟତା, ଡିଏମଏଫ କମିଟିରେ କୋରେଇର ପ୍ରତିନିଧିତ୍ୱ, ବ୍ୟାସନଗର ଷ୍ଟାଡିୟମକୁ ବିଶ୍ୱସ୍ତରୀୟ କରିବା, ଅଞ୍ଚଳବାସୀଙ୍କ ପାଇଁ ଏକ ବୃହତ ପାର୍କ ନିର୍ମାଣ, ବିଦ୍ୟାଳୟ ଗୁଡିକରେ ଅଭାବ ରହିଥିବା ଶିକ୍ଷକ ଏବଂ ଡାକ୍ତରଖାନାରେ ଖାଲି ରହିଥିବା ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ବରୁଣ୍ଡାଇ, ଶଙ୍ଖଚିଲା, ପାଣିକୋଇଲି, ରଗଡି ଏବଂ ମଧୁବନ ଆଦି ସ୍ଥାନରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଦର୍ଶାଯାଇଛି।

କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ ଦାସ, ନିତ୍ୟାନନ୍ଦ ମହାଲିକ, ପ୍ରମୋଦ ସାହୁ, ଶତ୍ରୁଘ୍ନ ସାହୁ, ବଳରାମ ମହାନ୍ତି, ନୀଳମଣି ବେହେରା, ମଦନ ମୋହନ ପଲେଇ, ସୁଶାନ୍ତ ସାହୁ, ଧନଞ୍ଜୟ ସାହୁ, ମନୋଜ ମଲ୍ଲିକ, ସୁବଳ ସ୍ୱାଇଁ, ଆଲୋକ କର, ରଞ୍ଜନ ମଲ୍ଲିକ, ପ୍ରମୋଦ ପରିଡା, ସୌଭାଗ୍ୟ ରାଉତ, ଅନନ୍ତ ଚରଣ ରଣା, ମହେଶ୍ୱର ବେହେରା, ଦିବ୍ୟଦର୍ଶନ ସାହୁ, ରାଜେନ୍ଦ୍ର ଦାସ, କାଶୀନାଥ ପୃଷ୍ଟି, ସନ୍ତୋଷ ଖୁଣ୍ଟିଆ, ତପନ ମଲ୍ଲିକ, ଦୁର୍ଯ୍ୟୋଧନ ରଣା, ପ୍ରମିଳା ସାହୁ, ସଞ୍ଜୟ ସାହୁ, ପ୍ରମୋଦ ସାହୁ, ସୌମ୍ୟରଞ୍ଜନ ପଲେଇ, ଅନିଲ ସାହୁ, ମମତା ମଲ୍ଲିକ ଓ ବାସନ୍ତୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।



ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ବିଷ୍ଣୁ ସାମନ୍ତରାୟ କଲେଜରେ ଆଲୋଚନାଚକ୍ର

ବଡ଼ଚଣା,୨୮।୨(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ତରଫରୁ ସମୃଦ୍ଧି ଏବଂ ଅବିତରିତ ବିଶ୍ୱ ପାଇଁ ପରିବର୍ତ୍ତନ ନୀତି ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ଆଧୁନିକ ସଭ୍ୟତା କିପରି ନିୟନ୍ତ୍ରଣ ହରାଇ ବିକାଶର ଦ୍ୱାହିଦେଇ ବିନାଶର ପଥକୁ ଆପଣେଇ ନେଉଛି ତା'ର ଭୟାବହ ସମ୍ବନ୍ଧରେ କହିଥିଲେ। ମୁଖ୍ୟବକ୍ତା ଭାବେ ବରୀ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲ ଯୋଗଦେଇ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ଅଙ୍କିତା ଓଝା ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଭାଗୀୟ ଅଧ୍ୟାପିକା ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

### ଋଣ ପ୍ରଦାନ ମେଳା

ଝୁମ୍ପୁରୀ,୨୮।୨(ସରୋଜ ନାୟକ):

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଙ୍ଗଳବାର ମିଶନ ଶକ୍ତି ମହିଳାଙ୍କ ପାଇଁ ଋଣ ପ୍ରଦାନ ମେଳା ଶୁଭାରମ୍ଭ କରାଯାଇଛି। ଏହିକ୍ରମରେ ଦଶରଥପୁର ବ୍ଲକ୍‌ର ତହସିଲ ପଡ଼ିଆଠାରେ ବ୍ଲକ୍ ମିଶନ ଶକ୍ତି ପକ୍ଷରୁ ସୁଧ ଫେରସ୍ତ ଓ ବିନା ସୁଧରେ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମିଶନ ଶକ୍ତି ସଭାନେତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର, ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କେଶରୀ ପରିଡ଼ା, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ନୀନାରାଣୀ ସାମଲ ଓ ସିଡିପିଓ ଶାନ୍ତିଲତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ୍ ପରିଚାଳକ ମିନତି ସାମଲ ଓ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚଣ୍ଡିଖୋଲ କୋର୍ଟ ସମସ୍ୟା ଆଲୋଚନା

### ବବିଙ୍କୁ ଭେଟିଲେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ କର୍ମକର୍ତ୍ତା

ଚଣ୍ଡିଖୋଲ,୨୮।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ କର୍ମକର୍ତ୍ତା ବୁଧବାର ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଭେଟି ଚଣ୍ଡିଖୋଲ କୋର୍ଟର ବିଭିନ୍ନ ସମସ୍ୟା ଜଣାଇଛନ୍ତି। ମୁଖ୍ୟ ସମସ୍ୟା ମଧ୍ୟରେ ଚଣ୍ଡିଖୋଲଠାରେ ଅତିରିକ୍ତ ଜିଲା ଦୌରାଜଜ କୋର୍ଟ ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଓ ଚଣ୍ଡିଖୋଲରେ ସବଜେଲ ପ୍ରତିଷ୍ଠା ନେଇ ଦାବି ରଖିଛନ୍ତି। ଏହି ଆଲୋଚନାରେ ବାର ଆସୋସିଏଶନ ସମ୍ପାଦକ ପ୍ରକାଶ ଦାଶଙ୍କ ସମେତ ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ପ୍ରତାପ ଦାସ, ଦେବରାଜ ବେହେରା, ଉପସଭାପତି ଶ୍ରୀକାନ୍ତ ବଳ, କୋଷାଧ୍ୟକ୍ଷ ଚିନ୍ମୟ ପ୍ରତାପ, କୈଳାସ ସାମଲ, ଶିରିଷ ସାମଲ, ତରୁଣ ବିଶ୍ୱାଳ ଓ ବିଶ୍ୱଜିତ ବେହେରା ଉପସ୍ଥିତ ଥିଲେ। ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ବବି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଆସୋସିଏଶନ ପକ୍ଷରୁ ବବିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।



ବାର ଆସୋସିଏଶନ କର୍ମକର୍ତ୍ତା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ

ବାଲିଚନ୍ଦ୍ରପୁର,୨୮।୨(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତର ବାଲିପଡ଼ିଆ ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ବାଲିପଡ଼ିଆ ଗ୍ରାମର ଗ୍ରାମଦେବତୀ ମା'ବୁଢୀଜାଗୁଲାଇଙ୍କ ପୀଠରେ ଏହି ନାମ ସଂକୀର୍ତ୍ତନରେ ବିଭିନ୍ନ ଜିଲାରୁ ୪ ମହିଳା ଓ ୪ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ନରେନ୍ଦ୍ରନାଥ ଜେନା କର୍ତ୍ତାଭାବେ ଦଧିହାଣ୍ଡି ଧାରଣ କରିଥିବାବେଳେ ସୀତାରାମ ଅଧିକାରୀ ଅଧିବାସ ଓ ପୂଜାର୍ଚ୍ଚନା କରିଥିଲେ। ରବିବାର ଅଧିବାସ ହୋଇଥିବାବେଳେ ସୋମବାର ନାମ ସଂକ୍ରୀର୍ତ୍ତନ ଓ ମଙ୍ଗଳବାର ନଗର ପରିକ୍ରମା କରାଯାଇଥିଲା। ଏଥିରେ ମା'ବୁଢ଼ୀଜାଗୁଲାଇ ପୂଜା କମିଟିର ସହ ଗ୍ରାମବାସୀ ସହଯୋଗ କରିଥିଲେ। ନଳିନୀ ଜେନାଙ୍କ ତତ୍ତ୍ୱାବଧାନରେ ବରୀ ଅଲିଆବାଦ ଅଞ୍ଚଳର ମହିଳା ସଂକୀର୍ତ୍ତନମଣ୍ଡଳୀ କଳାକାରଙ୍କ ଦ୍ୱାରା ପରିବେଷିତ ନାମ ସଂକୀର୍ତ୍ତନ ବହୁ ଉଚ୍ଚ କୋଟିର ହୋଇଥିଲା।

## ଓଳାଶୁଣୀ ଉନ୍ନୟନ ଟ୍ରଷ୍ଟର ବୈଠକ

ଚଣ୍ଡିଖୋଲ,୨୮।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଓଳାଶୁଣୀ ଗୁମ୍ଫା ମହୋତ୍ସବ ପରେ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ପାହାଡ଼ ପାଦ ଦେଶରେ ଥିବା ମା' ଓଳାଶୁଣୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ବଟକୃଷ୍ଣ ସାମଲଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ କାର୍ଯ୍ୟକ୍ରମ ପାଳନରେ ସମସ୍ତଙ୍କ ସହଯୋଗ ଲାଗି କୃତଜ୍ଞତା ଜ୍ଞାପନ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ ଭୂୟାଁ ଓଳାଶୁଣୀ ଗୁମ୍ଫା ପୀଠର ଧାର୍ମିକ, ସାଂସ୍କୃତିକ ପର୍ଯ୍ୟଟନ ବିଭବକୁ ଅଧିକ ପରିବ୍ୟାପ୍ତ କରିବା ତଥା ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ଜୀବନାଦର୍ଶ ଉପରେ ବ୍ୟାପକ ଗବେଷଣା ଓ ଅଧ୍ୟୟନ କରାଯିବା ଉଚିତ ବୋଲି କହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଥଙ୍କ ଜୀବନ ସମ୍ପର୍କିତ ଓ ପ୍ରସଙ୍ଗକୁ ନେଇ ବୁଦ୍ଧିଜୀବୀ, ଜନ ପ୍ରତିନିଧି, ସ୍ଥାନୀୟ ଅଧିବାସୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ବୈଠକ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବିଜୟ ତ୍ରିପାଠୀ, ଉମେଶ ଚନ୍ଦ୍ର ସାମଲ, ରାଜେନ୍ଦ୍ର ପ୍ରସାଦ ସାମଲ, ବସନ୍ତରାଜ ସାମଲ, ଆଇନଜୀବୀ ପ୍ରକାଶ ଚନ୍ଦ୍ର ଦାସ, ବିରୁପାକ୍ଷ ତ୍ରିପାଠୀ, ଅଲେଖ ଚନ୍ଦ୍ର ସାମଲ, ଅଶୋକ ସାମଲ ଓ ରଜନୀକାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି

ଝୁମ୍ପୁରୀ,୨୮।୨(ସରୋଜ ନାୟକ):

ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଜାତୀୟ ସାମାଜିକ ସହାୟତା ଏବଂ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କରେ ଏକ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ତ୍ରିଲୋଚନ ସେଠୀ, ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ଏପିଓ ଭକ୍ତିଲତା ମହାରଣା, ଯୋଗାଣ ଅଧିକାରୀ ତପସ୍ୱିନୀ ରାୟ ଯୋଗଦେଇ ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ଶିବିରରେ ୩୫ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଇଥିଲେ। ସମସ୍ୟାଗୁଡ଼ିକ କିପରି ସମାଧାନ ହୋଇପାରିବ ସେଥିନିମନ୍ତେ ଥିବା ଆଇନ ସମ୍ପର୍କରେ ଅଧିକାରୀମାନେ ଜନପ୍ରତିନିଧିଙ୍କୁ ଅବଗତ କରିଥିଲେ। ଆଗାମୀ ୬ ମାସ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇ ସେଗୁଡ଼ିକୁ କିପରି ସମାଧାନ କରାଯାଇପାରିବ ସେ ସମ୍ପର୍କରେ ଖସଡ଼ା ପ୍ରସ୍ତୁତ କରାଯାଇଥିଲା।

## ଦେବେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଯାଜପୁର,୨୮।୨ (ହର୍ଷବର୍ଦ୍ଧନ ବେହେରା):

ବ୍ୟାସନଗରସ୍ଥିତ ମହତାବନଗର ଶ୍ରୀଶ୍ରୀଦେବେଶ୍ୱର ମହାଦେବ ମନ୍ଦିରର ୧୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କେଶବ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ରୁଦ୍ରାଭିଷେକ, ହୋମ ଯଜ୍ଞ ଆଦି ଆୟୋଜିତ ହୋଇଥିଲା। ଅଜିତ ଶତପଥୀ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବାରିଂ ଗ୍ରାମର ମା' ଧାନଧାଇ ଭଜନ ଗ୍ରୁପ ପକ୍ଷରୁ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ଏଥିରେ ମହତାବନଗରର ପ୍ରସନ୍ନ ସାହୁ, ଜଗୁନ୍ନାଥ ସାମଲ, ଚୈତନ୍ୟଚରଣ ବାରିକ, ଭାଗିରଥି ଆଚାର୍ଯ୍ୟ, ହେମନ୍ତ ଦାସ, ମୁରଳି ସାମଲ, ସତ୍ୟଜିତ ଶତପଥୀ, ଗୟାଧର ନନ୍ଦ, ମହେନ୍ଦ୍ର ସେନାପତି, ରମେଶ ସାହୁ, ପ୍ରଦୀପ୍ତ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ରାତିରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



# ମୁକ୍ତିର ମାର୍ଗ ଶିକ୍ଷା

### ମଙ୍ଗଳପୁର ଆଇଡିଆଲ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ଦଶରଥପୁର,୨୮।୨(ମନୋଜ ପୃଷ୍ଟି):

କୁସଂସ୍କାର, ଅନ୍ଧବିଶ୍ୱାସ, ଅମାନବିକତା ଓ ଅରାଜକତା ପରି କାର୍ଯ୍ୟରୁ ମୁକ୍ତି ଦେଇଥାଏ ଶିକ୍ଷା। ତେଣୁ ଶିକ୍ଷାହିଁ ମଣିଷ ସମାଜ ପାଇଁ ମୁକ୍ତିର ମାର୍ଗ ବୋଲି ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାଲକୁଡି ବାଇପାସ ରୋଡ ସ୍ଥିତ ଆଇଡିଆଲ୍ ପବ୍ଲିକ୍ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକଥା କହିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ମଙ୍ଗଳପୁର ସରପଞ୍ଚ ସସ୍ମିତା ଧଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରିକ୍ଷିତ ରାୟ, କମିଟି ମେମ୍ବର ବିପିନ ବିହାରୀ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଚିନ୍ମୟ ଫାଉଣ୍ଡେଶନର ଅନ୍ତର୍ଜାତୀୟ ଅଧ୍ୟକ୍ଷ ଚିନ୍ମୟ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ସମାଜ ପାଇଁ ବଡ଼ ମଣିଷ ନୁହେଁ, ଭଲ ମଣିଷର ଆବଶ୍ୟତା ଅଛିବୋଲି ଛାତ୍ରୀଛାତ୍ରଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ୍, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ମାନସ ସାହୁ ଛାତ୍ରୀଛାତ୍ରଙ୍କୁ ମାତା ପିତାଙ୍କ ସହିତ ସେମାନଙ୍କ ବୟୋଜ୍ୟେଷ୍ଠମାନେ ସଂସ୍କାର ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ନିଖିତ୍ ଖାନ୍, ବୈଜୟନ୍ତୀମାଳା ବିଶ୍ୱାଳ, ଶୁଭଲକ୍ଷ୍ମୀ ଜେନା, ସ୍ମିତାରାଣୀ ପତି ଓ ସୌଦାମିନୀ ଜେନା ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ରମାପୁରଠାରେ କୃଷକ ସମାବେଶ

ଧର୍ମଶାଳା,୨୮।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ନିର୍ବାଚନମଣ୍ଡଳୀର ରମାପୁରଠାରେ ଏକ କୃଷକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗାଁ ମଣିଷ ସମ୍ପାଦିକା ସ୍ୱାଗତିକା ରାଉତଙ୍କ ତତ୍ତ୍ୱାବଧାନରେ ସମାବେଶରେ ଯୋଗଦେଇଥିବା କୃଷକମାନଙ୍କୁ ନେଇ ବୁଦ୍ଧଲିଙ୍ଗେଶ୍ୱର ଫାର୍ମର ପ୍ରଡ୍ୟୁସର ଗ୍ରୁପ ଗଠନ କରାଯାଇଥିଲା। ପରେ ଗ୍ରୁପ୍ ନିର୍ଦ୍ଦେଶକ ନିର୍ମଳ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ଉତ୍କଳ କୃଷକ ସଂଘ ସଭାପତି ତଥା ଧର୍ମଶାଳାର ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତ, ସମ୍ମାନିତ ଅତିଥିଭାବେ ଗାଁ ମଣିଷ ସମ୍ପାଦିକା ରାଉତ, ଜିଲା କୃଷି ଅଧିକାରୀ ଉଦିପ୍ତ ତ୍ରିପାଠୀ, ଧର୍ମଶାଳା ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତି ସେଠୀ, ସହକାରୀ କୃଷି ଅଧିକାରୀ ସ୍ୱରାଜ ବେହେରା, ରାଇଛନ୍ଦା ପୂର୍ବତନ ସରପଞ୍ଚ ଅରୁଣ ପରିଡ଼ା ଓ ସ୍ୱେଚ୍ଛାସେବୀ ମହାବୀର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ରମାପୁରଠାରେ ଗ୍ରୁପର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। କୃଷକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ସହିତ ସେମାନଙ୍କ ଉନ୍ନତି ପାଇଁ ସରକାରୀ ଯତ୍ନବାନ ହେବା ସହ ସ୍ଥାନୀୟ ଅଞ୍ଚଳରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ଏବଂ ଠିକ ସମୟରେ ଚାଷୀଙ୍କୁ ସରକାରୀ ବିହନ ଯୋଗାଇ ଦେବାକୁ ଦାବି ହୋଇଥିଲା। ସମାବେଶରେ ସ୍ଥାନୀୟ ଅଞ୍ଚଳର ବହୁ ଅଗ୍ରଣୀ ଚାଷୀ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦିବ୍ୟଜ୍ୟୋତି ସାମଲ, କୃଷ୍ଣଚନ୍ଦ୍ର ମଲ୍ଲିକ, ନରହରି ସାମଲ ଓ ମନୋରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଗ୍ରଣୀ ଚାଷୀ ସୁବୋଧ କୁମାର ସାମଲ ଧନ୍ୟବାଦ ଦେଇଥିଲେ।



ରମାପୁରଠାରେ ଅନୁଷ୍ଠିତ କୃଷକ ସମାବେଶରେ ମଞ୍ଚାସୀନ ଅତିଥି।




## ସଂକ୍ଷେପରେ

### କୃଷକ ନେତାଙ୍କ ପରଲୋକ

ପାରାଦୀପ,୨୮।୨(ଶରତ ରାଉତ)

ପାରାଦୀପର ଜଣାଶୁଣା କୃଷକ ନେତା ତଥା ଯୋଗାଶ୍ରମ ସ୍ୱାମୀ ଭଗବାନ ସ୍ୱାଇଁଙ୍କ (୯୦) ବୁଧବାର ସକାଳେ ପରଲୋକ ଘଟିଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ



ରୋଗରେ ପୀଡ଼ିତ ଥିଲେ। ତାଙ୍କ ଘର ନୂଆଗଡ ପଞ୍ଚାୟତ ହାଣ୍ଡିଆ ଗ୍ରାମରେ। ସେ ଦୀର୍ଘ ବର୍ଷ ହେବ ପାରାଦୀପ କୃଷକ ମଞ୍ଚର ସମ୍ପାଦକ ଥିଲେ। ଏଥିସହ ଯୋଗାଶ୍ରମ ସ୍ୱାମୀ ଭାବେ ଜଣାଶୁଣା। ସେ କମ୍ୟୁନିଷ୍ଟ ପାର୍ଟିର ଜିଲାସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସରପଞ୍ଚ ଦେବେନ୍ଦ୍ର ନାଥ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ସମୟରେ ବଡ଼ପୁଅ ନୃସିଂହ ଓ ଅନ୍ୟ ଦୁଇ ପୁଅ ପ୍ରକାଶ, ତୋଫାନ ଉପସ୍ଥିତ ଥିଲେ।

### ନୂତନ ଭତ୍ତା ବଣ୍ଟନ ଶିବିର

ଏରସମା,୨୮।୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ପରିସରରେ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନୂତନ ଭତ୍ତା ବଣ୍ଟନ ଶିବିର ୨୦୨୪ ଅନୁଷ୍ଠିତ ହୋଇଯାଇଛି। ନଳିନୀ ରଞ୍ଜନ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ମୁଖ୍ୟଅତିଥି ଭାବରେ ଉପସ୍ଥିତ ହୋଇ ମଧୁବାବୁ ପେନସନ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏଥିରେ ୬୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଶିବିରରେ ଜିଲା ପରିଷଦ ସଭ୍ୟ ପ୍ରଣବ ସାଇଁ, ରାନୀ ଟୁଡୁ, ପଦ୍ମପୁର ସରପଞ୍ଚ ପ୍ରତିଭାରାଣୀ ପାତ୍ର, ଏରସମା ସମିତି ସଭ୍ୟା ଦେବଯାନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ଅକାଳ ବିୟୋଗ

କୁଜଙ୍ଗ,୨୮।୨(ମନୋଜ ପ୍ରଧାନ)

କୁଜଙ୍ଗ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଅଧ୍ୟୟନରତ ଷଷ୍ଠ ଶ୍ରେଣୀ ଛାତ୍ର ସୁହାଶିଷ ନାଥଙ୍କ ଅକାଳ ବିୟୋଗ ଘଟିଛି। ସେ ହେଉଛନ୍ତି ସ୍ଥାନୀୟ ବଳରାମପୁର ଗ୍ରାମର ସ୍ୱର୍ଗତ ସତ୍ୟପ୍ରକାଶ ନାଥଙ୍କ ଏକ ମାତ୍ର ପୁଅ। ସେ ଜଣେ ମେଧାବୀ ଛାତ୍ର ଥିଲେ। ସେ ବ୍ରେନ ଟ୍ୟୁମରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ଗତ ୮ ତାରିଖରେ ଭୁବନେଶରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ଅପରେଶନ କରାଯାଇଥିଲା। ସେବେଠାରୁ ଚେତା ଶୂନ୍ୟ ଅବସ୍ଥାରେ ଆଇସିୟୁ ଥିଲେ। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ଚିକିତ୍ସା ନିମନ୍ତେ ବହୁ ସାମାଜିକ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇଥିଲେ। ମଙ୍ଗଳବାର ଶିଶୁ ମନ୍ଦିର ତରଫରୁ ଗୁରୁଜୀ , ଗୁରୁମା ଓ ପରିଚାଳନା ସମିତି ପକ୍ଷରୁ ୫୫ ହଜାର ଟଙ୍କା ଆଦାୟ କରାଯାଇ ଦିଆଯାଇଥିଲା। ମାତ୍ର ବୁଧବାର ସୁହାଶିଷଙ୍କ ମୃତ୍ୟୁ ଖବର ମିଳିବା ପରେ ଶୋକର ଛାୟା ଖେଳିଯାଇଛି। ସରସତୀ ଶିଶୁ ମନ୍ଦିରର ସଭାପତି ରଜନୀ କାନ୍ତ ଦାସ, ସମ୍ପାଦକ କରୁଣାକର ସାହୁ, ଯୁଗ୍ମ ସମ୍ପାଦକ ଶରତ ସାମନ୍ତରା, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆ, ବିଜୟା ଲକ୍ଷ୍ମୀ ମହାରଣାଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମାମାନେ ଶୋକବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ବାପା ସତ୍ୟ ପ୍ରକାଶ କୌଣସି କାରଣରୁ କିଛି ମାସ ପୂର୍ବେ ଆତ୍ମହତ୍ୟା କରିଥିଲେ।

# ଔପଚାରିକତା ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

## ୬ ଆଶାକର୍ମୀ, ୮ ଗାଁ, ୪୩ ମହିଳା ଆରୋଗ୍ୟ ସମିତି ଓ ୩୪ ଅନୁଷ୍ଠାନକୁ କାୟାକଳ୍ପ ସମ୍ମାନ

ଜଗତ୍‌ସିଂହପୁର, ୨୮।୨
(ପ୍ରମୋଦ କୁମାର ନାୟକ)

ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ସମ୍ମିଳନୀ ଯେଉଁଭଳି ହୋଇଥିଲା ତାହା ସତେଯେପରି ଔପଚାରିକତା ପୂରଣ ପାଇଁ କରାଯାଇଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା ହେଲା, ବାସ୍ତବରେ ସମ୍ମିଳନୀରେ ଆଶାଜନକ ଉପସ୍ଥାନ କି ଉତ୍ସାହଜନକ ପରିବେଶ ଦେଖିବାକୁ ମିଳି ନ ଥିଲା। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ବୃଦ୍ଧି ତଥା ସେବା ମନୋଭାବକୁ ବହୁଗୁଣିତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଥିବା କୁହାଯାଉଥିବା ବେଳେ ସମାବେଶରେ ସେଭଳି କିଛି ବାର୍ତ୍ତା ଯାଇ ନ ଥିଲା। ଯେଉଁ କାରଣରୁ ସମାବେଶ ଏକପ୍ରକାର ଖାପଛଡ଼ା ଲାଗିଥିଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ ହୋଇଥିଲା। ସମ୍ମିଳନୀରେ ଜିଲାପାଳ ପାରୁଲ ପଟାୱରୀ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟଅତିଥି ଓ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାସ, ଏଡିପିଏଚ୍‌ସିଓ ସଚଳା ମହାନ୍ତି ଓ ଭିବିଡି କନ୍‌ସଲଟାଣ୍ଟ ଅସିତ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାସ୍ତରରେ ଭଲ କାମ କରୁଥିବା ୬ଜଣ ଆଶାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୩ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ, ଦ୍ୱିତୀୟ ସ୍ଥାନରେ ଥିବା ୨ ଜଣଙ୍କୁ ୮ ହଜାର ଟଙ୍କା ଲେଖାଏ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଆଶା କର୍ମୀଙ୍କୁ ୬ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ପ୍ରତି ବ୍ଲକରୁ ଗୋଟିଏ ଲେଖାଏ ହିସାବରେ ୮ଟି ଗାଁକୁ ସୁସ୍ଥ ଗାଁ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟସେବା ପାଇଁ ୪୩ ଜଣ ମହିଳା ଆରୋଗ୍ୟ ସମିତିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ବାବଦରେ ପ୍ରତ୍ୟେକ ସମିତିକୁ ୩ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ୩୪ଟି ଅନୁଷ୍ଠାନକୁ କାୟାକଳ୍ପ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିପିଏମ୍ ଚକ୍ରଧର ଜେନା, ନୀଳମାଧବ ରଥ, ଆଶା ପରିଚାଳକ ଅମିତା ପଣ୍ଡା, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ପରିଚାଳକ ମନୋରଞ୍ଜନ ମହାପାତ୍ର ଓ କ୍ୱାଲିଟି ପରିଚାଳକ ସୁଜାତା ପ୍ରିୟମ୍ବଦା ଦାସ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷେତ୍ରବାସୀ ଦାଶ ସ୍ୱାଗତ ଭାଷଣ ଓ ଆଶା ପରିଚାଳକ ଅମିତା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏନ୍‌ଏଚ୍‌ଏମ୍ ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମଧୁବାବୁ ପେନ୍‌ସନ ପାଇବାରୁ ୨ ବୃଦ୍ଧ ବଞ୍ଚିତ

ଏରସମା,୨୮।୨(ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଏରସମା ଓ ପୋଖରିଆପଡା ପଞ୍ଚାୟତର ୨ ଜଣ ବ୍ୟକ୍ତି ମଧୁବାବୁ ପେନସନ ଯୋଜନାରୁ ବଞ୍ଚିତ ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ଏରସମା ପଞ୍ଚାୟତର କାଣୀପଦା (ଓରେଇସାଳ) ଗ୍ରାମର ଧୀରେନ୍ଦ୍ର ବିଶାଳଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମିଳିଥିବା ଆଧାର କାର୍ଡରେ ଜନ୍ମ ତାରିଖ, ୨୬।୨।୧୯୬୦ ରହିଛି। ସେହି ଦୃଷ୍ଟିରୁ ତାଙ୍କ ବୟସ ୬୪ ବର୍ଷ ହୋଇଛି। ଏଥିସହ ଭାରତ ନିର୍ବାଚନ କମିଶନ ପକ୍ଷରୁ ମିଳିଥିବା ଭୋଟ ପରିଚୟ ପତ୍ରରେ ଅଭିଯୋଗକାରୀ ବିଶ୍ୱାଳ ୧୯୫୯ରେ ଜନ୍ମ ହୋଇଥିବା ଉଲ୍ଲେଖ ରହିଛି। ପରିଚୟପତ୍ର ଅନୁସାରେ ତାଙ୍କୁ ୬୫ ବର୍ଷ ବୟସ ହୋଇଥିବା ପ୍ରମାଣ ରହିଛି। ଏହାସତ୍ତ୍ୱେ ତାଙ୍କୁ ଏହି ଯୋଜନାରୁ ବଞ୍ଚିତ କରାଯାଇଛି। ଏନେଇ ସେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଗତ ଦୁଇବର୍ଷ ହେଲା ବାରମ୍ବାର ବ୍ଲକକୁ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ପରେ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନ ଥିବା ଦୁଃଖର ସହ ପ୍ରକାଶ କରିଛନ୍ତି। ସେହିପରି ଏହି ବ୍ଲକ ଅନ୍ତର୍ଗତ ପୋଖରିଆପଡ଼ା ପଞ୍ଚାୟତର ଶ୍ରୀଚନ୍ଦନପୁର ଗ୍ରାମର ରମେଶ ଚନ୍ଦ୍ର ମହାପାତ୍ରଙ୍କର ଆଧାର କାର୍ଡରେ ଜନ୍ମ ତାରିଖ ୨।୪।୧୯୬୧ ରହିଥିଲେ ମଧ୍ୟ ତାଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ରମେଶ ମଧ୍ୟ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶ ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କୁ ପଚାରିବାରେ କେତେଜଣଙ୍କ ଆଧାର ଓ ଭୋଟ ପରିଚୟ ପତ୍ରରେ ବୟସ ସମାନ ହେଉ ନ ଥିବାରୁ ସେମାନଙ୍କର ଭତ୍ତା ହୋଇପାରିନାହିଁ। ପରବର୍ତ୍ତୀ ସମୟରେ ସେମାନଙ୍କର ଭତ୍ତା କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଜବରଦଖଲକାରୀ ବ୍ୟବସାୟୀ ସଂଘ

## କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବି

କୁଜଙ୍ଗ, ୨୮।୨ (ମନୋଜ ପ୍ରଧାନ)

ରାଜ୍ୟ ସରକାର ୨୦ଟି ଜିଲାର ୩୫ ସ୍ଥାନକୁ ଏନ୍‌ଏସି ଭାବେ ଘୋଷଣା କରିଥିବା ବେଳେ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ବ୍ଲକ ସେଥିରୁ ବାଦ୍‌ପଡ଼ିଛି। ଏହା ଜିଲାର ଏକ ପ୍ରମୁଖ ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟିକ ପେଣ୍ଠସ୍ଥଳ। ଏନେଇ ବିଭିନ୍ନ ସ୍ତରରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଏନ୍‌ଏସି ଘୋଷଣା ନ ହେବା ପ୍ରତିକ୍ରିୟାରେ ବିଧାୟକ ସମ୍ବିତ ରାଉତରାୟ କହିଥିଲେ, କୁଜଙ୍ଗର ମେଡିକାଲ ରୋଡ ଜବରଦଖଲରେ ଥିବାରୁ ଆମ୍ବୁଲାନ୍ସ ଯାତାୟାତ କରିପାରୁନାହିଁ। ଏହାଛଡ଼ା ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଏନ୍‌ଏସି ଘୋଷଣା ହୋଇପାରିଲା ନାହିଁ ବୋଲି ପ୍ରକାଶ କରିଥିଲେ। ଯେଉଁ ବ୍ୟବସାୟୀମାନେ ଜବରଦଖଲ କରି ରଖିବା ସହ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ଅଦାଲତରୁ ସ୍ଥଗିତାଦେଶ ଆଣିଛନ୍ତି ବୁଧବାର ସେମାନଙ୍କ ସଂଘର ଦେବେନ୍ଦ୍ର ସାହୁ, ବୃନ୍ଦାବନ ବାରିକ ପ୍ରମୁଖଙ୍କ ନେତୃତ୍ୱରେ କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ




ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କ ମତାମତ ନେବାରେ ସେ କହିଥିଲେ, ମେଡିକାଲ ରୋଡ଼ ଅବରୋଧ ଏନ୍‌ଏସି ଘୋଷଣାର ମୁଖ୍ୟ ବାଧକ । ଯେଉଁସବୁ ସମସ୍ୟା ଅଛି, ସେସମସ୍ୟା ଖୁବ୍‌ଶୀଘ୍ର ଦୂର କରାଯିବ। କୁଜଙ୍ଗ ବଜାରର ଉତ୍ତର ପାର୍ଶ୍ୱରେ ତାଳଦଣ୍ଡା କେନାଲ ଉପର ଛାତ ପକାଯାଇ ସେଠାରେ ଗାଡି ପାର୍କିଂ ବ୍ୟବସ୍ଥା କରାଯିବ। ଏନେଇ ଠିକ୍ ସମୟରେ ପଦକ୍ଷେପ ନିଆଯିବ ବୋଲି ରାଉତରାୟ କହିଛନ୍ତି।

# କବି ପ୍ରତାପଚନ୍ଦ୍ର ମହାପାତ୍ରଙ୍କୁ ଲୋକଗଳ୍ପ ଗୌରବ ସମ୍ମାନ

ରଘୁନାଥପୁର,୨୮।୨(ରାଜେନ୍ଦ୍ର ନାରାୟଣ ସିଂହ)

କୈବଲ୍ୟ ସାହିତ୍ୟ ସଂସଦ କଟକ ପକ୍ଷରୁ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକଗଳ୍ପ ମହୋତ୍ସବ ଆସରରେ ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ରାଉତ ନୂଆଗାଁ ମାଟିର ପୁଅ କବି ତଥା ଗାଳ୍ପିକ ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କୁ ଲୋକଗଳ୍ପ ଗୌରବ ସମ୍ମାନ ୨୦୨୪ ପ୍ରଦାନ କରାଯାଇଛି। ତାଙ୍କୁ ମାନପତ୍ର ସହ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହାପାତ୍ର ଶତାଧିକ କାବ୍ୟ କବିତା ଓ ଗଳ୍ପ ଲେଖି ସୁନାମ ଅର୍ଜନ କରିବା ସହ ଅନେକ ସାହିତ୍ୟ ସଂସଦ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଗାଳ୍ପିକା ପ୍ରଫେସର ଡ. ସୁଲୋଚନା ଦାସ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ।

# ଜେଲ ଗଲେ ଭୋଇ ସମାଜ ନେତା ଶଙ୍କର

## ଜିଲାପାଳଙ୍କ ଗାଡ଼ି ଅଟକାଇବା ମହଙ୍ଗା ପଡ଼ିଲା

ଜଗତ୍‌ସିଂହପୁର, ୨୮।୨(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଶହସ୍ରାଧିକ ପରିବାର ପୁରୁଷାନୁକ୍ରମେ ଦୀର୍ଘ ଦିନ ଧରି ସରକାରୀ ଜମିରେ ଦୟନୀୟ ଭାବରେ ବସବାସ କରୁଛନ୍ତି। ଏସବୁ ଭୂମିହିନ ପରିବାରକୁ ବସୁନ୍ଧରା ଯୋଜନାରେ ସରକାର ଘର ପଟ୍ଟା ପ୍ରଦାନ ଦାବିରେ ଗତ ୨୭ ତାରିଖରେ ଅଲ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ଜିଲା ସଂଯୋଜକ ଶଙ୍କର ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନ ସମୟରେ ଜିଲାପାଳ ପାରୁଲ ପଟାୱରୀ କାର୍ଯ୍ୟାଳୟ ପଛ ଫାଟକ ଦେଇ ତାଙ୍କ କାରରେ ବାହାରିବା ବେଳେ ଆନ୍ଦୋଳନକାରୀମାନେ ଆଗରେ ବସି ପଡ଼ିଥିଲେ। ଆନ୍ଦୋଳନକାରୀଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ଆଲୋଚନା କରିବାକୁ ଅଡି ବସିଥିଲେ। କିନ୍ତୁ ଜରୁରୀ କାମ ଥିବାରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଜିଲାପାଳ ତାଙ୍କ ପିଏସ୍‌ଓଙ୍କ ଜରିଆରେ କହିଥିଲେ ସୁଦ୍ଧା ଆନ୍ଦୋଳନକାରୀମାନେ ଶୁଣି ନ ଥିଲେ। ଶେଷରେ ଜିଲାପାଳ କାର୍ଯ୍ୟକ୍ରମ ବାତିଲ କରି ଗାଡିରୁ ଓହ୍ଲାଇ ତାଙ୍କ କାର୍ଯ୍ୟାଳୟକୁ ଫେରି ଯାଇଥିଲେ। ଏହି ପ୍ରସଙ୍ଗକୁ ନେଇ ଜିଲାପାଳ କ୍ଷୋଭ ପ୍ରକାଶ କରିବା ସହ ଶଙ୍କରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପରତା ପ୍ରକାଶ କରିଥିଲେ। ଜିଲାପାଳଙ୍କ ପିଏସ୍‌ଓ ତଥା ହାବିଲଦାର ତ୍ରିଲୋଚନ ସ୍ୱାଇଁ ଏନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୦୦/୨୪) ରୁଜୁ କରିଥିଲା। ଏଥିସହ ବୁଧବାର ପରିଷଦ ନେତା ଶଙ୍କରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଶଙ୍କରଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଆଳିପିଙ୍ଗଳ ଉପ କାରାଗାର ପଠାଇ ଦିଆଯାଇଛି।

# ଶ୍ରୀଶ୍ରୀ ରବିଶଙ୍କରଙ୍କ ଗସ୍ତ ସମ୍ପର୍କରେ ଆଲୋଚନା

ପାରାଦୀପ,୨୮।୨(ଶରତ ରାଉତ)

ଆର୍ଟ ଅଫ୍ ଲିଭିଂ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଚଳିତବର୍ଷ ଶେଷ ସୁଦ୍ଧା ପାରାଦୀପ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ବିକାଶ କେନ୍ଦ୍ର ଇଣ୍ଡିଆ ସଂଯୋଜକ ଦେବ ଜ୍ୟୋତି ପାରାଦୀପ ଗସ୍ତ କରି ବିଭିନ୍ନ ଶିଳ୍ପ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏହିକ୍ରମରେ ସେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ଆର୍ଟ ଅଫ୍ ଲିଭିଂର ଅନୁଗାମୀଙ୍କୁ ସାକ୍ଷାତ୍ କରିଛନ୍ତି। ତାଙ୍କ ସହ ଯୋଗଗୁରୁ ତାପସ ପତି ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ଜିଲାରେ ୨୦୦୦ ମସିହାରୁ ଉକ୍ତ ସଙ୍ଗଠନ କାମ କରିବା ସହ ବିଭିନ୍ନ ଜନସେବା କାର୍ଯ୍ୟ କରୁଛି।

# ଅଭିଯୁକ୍ତଙ୍କୁ ନେଇ ଚେନ୍ନାଇ ଗଲା ପୋଲିସ ଟିମ୍

## ମାନିଆ ବିଶ୍ୱାଳ ହତ୍ୟାକାଣ୍ଡ

ବାଲିକୁଦା,୨୮।୨(ତାପସ ସ୍ୱାଇଁ)

ଓଗରପୁର ମାନିଆ ବିଶ୍ୱାଳଙ୍କ ହତ୍ୟାକାଣ୍ଡ ଘଟଣାର ଅଧିକ ତଦନ୍ତ ପାଇଁ ବାଲିକୁଦା ପୋଲିସ ଅଭିଯୁକ୍ତ ବିକ୍ରମ ବିଶ୍ୱାଳ(୩୬) ଓରଫ ବୁଲାକୁ ସାଙ୍ଗରେ ନେଇ ଚେନ୍ନାଇ ଯାଇଛି। ଏଥିରେ ବାଲିକୁଦାର ୫ ଜଣିଆ ପୋଲିସ ଟିମ୍ ରହିଛନ୍ତି। ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ନେତୃତ୍ୱରେ ଏହି ଟିମ୍‌ରେ ଜଣେ ଏସ୍‌ଆଇ ରହିଛନ୍ତି । ଏହି ଗସ୍ତରେ ପୋଲିସକୁ ମାନିଆ ହତ୍ୟା ଘଟଣାର ଅନ୍ୟାନ୍ୟ ସୁରାକ ମିଳିବ ବୋଲି ଆଶା ରଖାଯାଇଛି । ହତ୍ୟାକାଣ୍ଡରେ ଅଭିଯୁକ୍ତ ବୁଲା ଏକା ନା ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ଅଧିକ ଯାଞ୍ଚ ଚଳାଇଛି। ସେହିପରି ହତ୍ୟାକାଣ୍ଡରେ ବ୍ୟବହାର କରାଯାଇଥିବା ମାରଣାସ୍ତ୍ର ଓ ବାଇକ୍ ସମ୍ପର୍କରେ ଅଦ୍ୟାବଧି ପୋଲିସ କୌଣସି ନିର୍ଯ୍ୟାସରେ ପହଞ୍ଚି ପାରିନାହିଁ। ଅଭିଯୁକ୍ତ ବୁଲା ଚେନ୍ନାଇରେ ରହୁଥିବାରୁ ଏହି ଗସ୍ତରୁ ସବୁକିଛି ମିଳିଯିବ ବୋଲି ଆଶା କରାଯାଇଛି। ମଙ୍ଗଳବାର ବୁଲାଙ୍କୁ ପୋଲିସ ରିମାଣ୍ଡରେ ଆଣିଥିଲା। ସୂଚନାଯୋଗ୍ୟ, ଗତ ୧୯ ତାରିଖ ବିଳମ୍ବିତ ରାତିରେ ଓଗରପୁର ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା। ମାନିଆଙ୍କୁ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ବୁଲା(୩୬) ବୀଭତ୍ସ ଭାବେ ହତ୍ୟା କରିବା ପରେ ପୋଖରୀରେ ଫିଙ୍ଗି ଦେଇଥିଲା। ଏହି ସମୟରେ ବୁଲାଙ୍କ ଆକ୍ରମଣରେ ପୁଅ ରାକେଶ ଓ ବୋହୂ ସୁଭଦ୍ରା ଗୁରୁତର ହୋଇଥିଲେ । ଏବେବି ମାନିଆଙ୍କ ପୁଅ ଓ ବୋହୂଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବା ସୂଚନା ମିଳିଛି।

# ଦ୍ୱିତୀୟ ପର୍ଯ୍ୟାୟରେ ୪୫୦ ଗାଁ ଯୋଜନାରେ ଅନ୍ତର୍ଭୁକ୍ତ

ଜଗତ୍‌ସିଂହପୁର, ୨୮।୨
(ପ୍ରମୋଦ କୁମାର ନାୟକ)

ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁହାଯାଇଥିଲା, ଜିଲାର ମୋଟ ୧୩୨୧ ଗ୍ରାମ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ୪୫୦ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଚଳିତବର୍ଷ ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ଆଉ ୪୫୦ ଗ୍ରାମକୁ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ଚୂଡ଼ାନ୍ତ ହୋଇଛି। ସମ୍ଭାବ୍ୟ ବିପର୍ଯ୍ୟୟର ପ୍ରଭାବକୁ ପ୍ରଭାବଶାଳୀ ଭାବରେ ମୁକାବିଲା ସହ ହ୍ରାସ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବାକୁ ହେବ। ସେମାନଙ୍କ ସହଯୋଗରେ ବିପର୍ଯ୍ୟୟ ମୁକାବିଲା ସହଜ ହୋଇପାରିବ ବୋଲି



କର୍ମଶାଳାରେ ଜିଲାପାଳ ପାରୁଲ ପଟାୱାରି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

## ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

କୁହାଯାଇଥିଲା। କର୍ମଶାଳାରେ ବିପର୍ଯ୍ୟୟର ମୂଲ୍ୟାଙ୍କନ, ପରିସ୍ଥିତି ବିଶ୍ଳେଷଣ, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ସମ୍ପ୍ରଦାୟର ଯୋଗଦାନ କୌଶଳ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲାପାଳ ପାରୁଲ ପଟାୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଯୋଜନାଗୁଡିକର ମହତ୍ତ୍ୱ ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସହକାରୀ ଜିଲାପାଳ (ଜରୁରୀ ବିଭାଗ) ଉମେଶ ଚନ୍ଦ୍ର ଲେଙ୍କା ବିପର୍ଯ୍ୟୟ ପରିସ୍ଥିତିରେ ବିଭିନ୍ନ ବିପର୍ଯ୍ୟୟ ପରିଚାଳନା ଯଥା ପ୍ରାରମ୍ଭିକ ଚେତାବନୀ ଏବଂ ପ୍ରସାରଣ ଦଳ, ନିରାପତ୍ତା, ସନ୍ଧାନ ଏବଂ ଉଦ୍ଧାରକାରୀ ଦଳ, ଡାକ୍ତରୀ ଏବଂ ପ୍ରଥମ ସହାୟତା ଦଳ, ଆଶ୍ରୟ ସ୍ଥଳ ପରିଚାଳନା ଦଳ, ଜଳ ଏବଂ ପରିମଳ ଦଳ, ରିଲିଫ ଓ ସମନ୍ୱୟ ଦଳ, ଶବ ନିଷ୍କାସନ ଦଳ, ଟ୍ରମା କାଉନ୍‌ସେଲିଂ ଦଳ, କ୍ଷତି ଏବଂ କ୍ଷତି ଆକଳନ ଦଳର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜରୁରୀ ବିଭାଗ ଡିପିଓ ସେକ୍ ଇଜାଜ ଇକ୍‌ବାଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନିତା ପାତ୍ର, ବିଭିନ୍ନ ବ୍ଲକର ବିଡିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଓ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିଲା ଜରୁରୀ ଅଧିକାରୀ ଲେଙ୍କା ଧନ୍ୟବାଦ ଦେଇଥିଲେ।




# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ନୟାଗଡ଼,୨୮।୨(ଲୋକନାଥ ମିଶ୍ର)**

ନୟାଗଡ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ପରିସରରେ ନୟାଗଡ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଡିଏମ୍ଓ ରମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ଭାପୁର ବ୍ଲକର ରାକମା, ନୂଆଗାଁ ବ୍ଲକର ବଳଭଦ୍ରପୁର, ରଣପୁର ବ୍ଲକର ଦର୍ପନାରାୟଣପୁର, ଓଡଗାଁ ବ୍ଲକର ବାହାଡାପିଠା, ନୟାଗଡ଼ର ଜେମାଦେଇପୁର, ଖଣ୍ଡପଡା ବ୍ଲକର ଦତପୋଖରୀ, ଗଣିଆର ଗୋପାଳପ୍ରସାଦ ପ୍ରମୁଖ ୭ ଗାଁ କଲ୍ୟାଣ ସିମତିକୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରାଯାଇଛି। ପୁଣି ନୟାଗଡ଼ ମ୍ୟୁନିସିପାଲିଟିର ମା ଦକ୍ଷିଣକାଳୀ ମହିଳା ଆରୋଗ୍ୟ ସମିତି ଓ ମହାବୀର ମହିଳା ଆରୋଗ୍ୟ ସମିତି ଅନୁରୂପ ଭାବେ ସୁସ୍ଥ ଗାଁ ପୁରସ୍କାର ହାତେଇଛନ୍ତି। ସେହିଭଳି ଜିଲାସ୍ତରରେ ଭଲ କାମ କରିଥିବା ଦଶପଲ୍ଲା ବ୍ଲକ ଘୁଗୁଡିପଡାର ସଂଘମିତ୍ରା ସାହୁ, ଗଣିଆ ବ୍ଲକ ବିରାପାଜୁର କୁନ୍ତି ମଲ୍ଲିକ, ଦଶପଲ୍ଲା ବ୍ଲକ ଭୋଗବାଡିର ରୀନା ସାହୁ, ଗଣିଆ ବ୍ଲକ ରାସଙ୍ଗର ପୁଷ୍ପାଞ୍ଜଳୀ ସାମଲ ଓ ବିଜୟନଗର ଗାଁର ସତ୍ୟଭାମା ସାହୁ, ନୟାଗଡ଼ର ସୁକାନ୍ତି ଲେଙ୍କା ଓ ବନ୍ତ ସାହୁ, ଦଶପଲ୍ଲା ପୋଇବାଡିର ମନୋରମା ଭଞ୍ଜ, ଖଣ୍ଡପଡା ବେଣାଗାଡିଆର ନିବାସୀ ନନ୍ଦ ପ୍ରମୁଖ ୯ ଆଶା ପୁରସ୍କୃତ ହୋଇଛନ୍ତି।



ଗାଁ କଲ୍ୟାଣ ସମିତି ବୈଠକରେ ଜଣେ କର୍ମୀଙ୍କୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରାଯାଉଛି।

### ବଦଳୁନି ଗାଁର ଚିତ୍ର

ନୟାଗଡ ଜିଲାରେ ୧୩୬୬ଟି ଗାଁ କଲ୍ୟାଣ ସମିତି ରହିଛି। ପ୍ରତି ଗାଁ କଲ୍ୟାଣ ସମିତି ପାଇଁ ସରୀକାର ୧୦ ହଜାର ଟଙ୍କା ଅନୁଦାନ ଖର୍ଚ୍ଚ ହେଉଛି। ବିଭିନ୍ନ ରାଜସ୍ୱ ଗାଁରେ ହୋଇଥିବା ଗାଁ କଲ୍ୟାଣ ସମିତିର ଅର୍ଥ କେଉଁ ବାଟରେ ଖର୍ଚ୍ଚ ହେଉଛି ସାଧାରଣରେ ଜାଣି ହେଉନି। ଗାଁ କଲ୍ୟାଣ ସମିତିର ଅନୁଦାନ ଖର୍ଚ୍ଚ ରେ ଅନିୟମିତତା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତଦନ୍ତ ହେଉନି। ବରଂ ତଦନ୍ତ ବାହାନାରେ ଘଟଣାକୁ ଚାପି ଦିଆଯାଉଛି ବୋଲି ଅଭିଯୋଗ ହୋଇ ଆସୁଛି। ଏଭଳିସ୍ଥଳେ ବ୍ଲକ ଓ ସହରାଞ୍ଚଳର ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କେତେଦୂର ଠିକ ସେନେଇ ପ୍ରଶ୍ନ ଉଠିଛି। ପ୍ରତି ବର୍ଷ ଗାଁ କଲ୍ୟାଣ ସମିତିକୁ ପୁରସ୍କାର କରାଯାଉଛି। ଯେଉଁ ଗାଁ କଲ୍ୟାଣ ସମିତି ପୁରସ୍କୃତ ହେଉଛନ୍ତି ସେମାନଙ୍କର କାର୍ଯ୍ୟ ଅନୁଧ୍ୟାନ କଲେ ପ୍ରକୃତ ଚିତ୍ର ପଦାକୁ ଆସନ୍ତା ବୋଲି କୁହାଯାଉଛି। ଏଣୁ ଗାଁର ଚିତ୍ର ବଦଳି ପାରୁନି ବୋଲି ଅଭିଯୋଗ ରହିଛି।

### କାର୍ଯ୍ୟର ସମୀକ୍ଷା ନାହିଁ

ଗୋଷ୍ଠୀସ୍ତରରେ୬୫ ପ୍ରକାରର କାର୍ଯ୍ୟରେ ଆଶା ଓ ଅଙ୍ଗନୱାଡିଙ୍କ ଭୂମିକା, ଟୀକାକରଣ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଶାଙ୍କ ସହଯୋଗକୁ ସିଡିଏମ୍ଓ ରମାକାନ୍ତ ପଣ୍ଡା ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ପ୍ରଂଶସା କରିଥିଲେ। ତେବେ ବିଫଳତାର ଶ୍ରେୟ କାହାକୁ ଦେଲେନି। ଜିଲାରେ ୯୫୫ ଜଣ ଆଶା କାର୍ଯ୍ୟ କରୁଛନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିକ୍ରି ପରି ଘଟଣାରେ ଆଶା ଜେଲ ଯିବା ଘଟଣା, ପ୍ରସୂତିଙ୍କ ଅପରେଶନ ସମୟରେ ଡାକ୍ତର

## ୭ ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର

ଚିକିତ୍ସା ପାଇଁ ଲାଞ୍ଚ କାରବାରରେ ମଧ୍ୟସ୍ଥି ପରି ଘଟଣା ସ୍ୱାସ୍ଥ୍ୟ ବିଭାଗକୁ ବଦନାମ କରି ଚାଲିଛି। ପୁଣି ଅନେକ ଆଶା ପ୍ରସୂତି ମହିଳାଙ୍କୁ ଠିକ ଭାବେ ସେବା ଦେଉ ନ ଥିବାର ଅଭିଯୋଗ ହୋଇ ଆସୁଛି। ପୁଣି କିଛି ଅଙ୍ଗନୱାଡି କର୍ମଚାରୀଙ୍କ ଭୂମିକା ମଧ୍ୟ ଗାଁ କଲ୍ୟାଣ ସମିତିନୋନା ପ୍ରକାରର ଅବ୍ୟବସ୍ଥା ସୃଷ୍ଟି କରୁଛି।

### ଖବରଦାତାଙ୍କୁ ମନା ବୈଠକ

ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀକୁ ଗଣମାଧ୍ୟମର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥାଏ। ତେବେ ସ୍ୱାସ୍ଥ୍ୟ ବିଭାଗ ଏବେ ଗଣମାଧ୍ୟମକୁ ବୈଠକକୁ ଡାକିବାକୁ କୁଣ୍ଠକୁଣ୍ଠ ହେଉଛି। ବିଫଳତା ଧରା ପଡିବା ଭୟରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ବୈଠକକୁ ଡାକିବା ମନା କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବୈଠକକୁ ଡାକି ଅଥବା ଖବର ଦେଇ କାମ ଚଳାଇ ନେବାକୁ ଉଦ୍ୟମ କରାଯାଉଛି। ଏଭଳିସ୍ଥଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମାଲିକ କି ବୋଲି ପ୍ରଶ୍ନ ଉଠିଲାଣି। କେତେଜଣ ଗଣମାଧ୍ୟମ ପ୍ରତିନିଧି କହିଛନ୍ତି ଆଗକୁ ଏ ନେଇ ଆନ୍ଦୋଳନ ହେବ।

# ଜାତୀୟ ବିଜ୍ଞାନ ଦିବସ ପାଳିତ



ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ଖଣ୍ଡପଡ଼ା,୨୮।୨(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧୀନ ଯୋଗିଆପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ନୋବେଲ ପୁରସ୍କାର ବିଜେତା ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ରମଣ ପ୍ରଭାବ ସମ୍ପର୍କରେ ପ୍ରଧାନ ଶିକ୍ଷକ ସାହୁ ଛାତ୍ରୀଛାତ୍ର ମାନଙ୍କୁ ଅବଗତ କରାଇଥିଲେ। ବିଜ୍ଞାନ ଦିବସ ସଂପର୍କରେ ବିଜ୍ଞାନ ଶିକ୍ଷକ ବୈକୁଣ୍ଠ ନାଥ ନାଏକ, ଦେବରାଜ ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କୁ ପ୍ୟାନେଲ ବୋର୍ଡ ମାଧ୍ୟମରେ ଜାତୀୟ ବିଜ୍ଞାନ ଦିବସ, ରମଣ ପ୍ରଭାବ ଏବଂ ସାର ଚନ୍ଦ୍ର ଶେଖର ଭେଙ୍କଟରମଣଙ୍କ ଜୀବନୀ ସମ୍ବନ୍ଧରେ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା।

# ଦଶପଲ୍ଲାରେ ବର ଓସ୍ତ ବିବାହ



ବର ଓସ୍ତ ବିବାହ ପାଇଁ ପୂଜାର୍ଚ୍ଚନା କରାଯାଉଛି।

**ଦଶପଲ୍ଲା,୨୮।୨(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକର କୁଆଁରିଆ ନର୍ସରୀ ପଛ ପାର୍ଶ୍ୱ ଜଙ୍ଗଲରେ ବର ଓସ୍ତ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ପ୍ରୟାସରେ ୧୦ ହଳ ବର ଓସ୍ତ ବିବାହ କାର୍ଯ୍ୟ ସଂପନ୍ନ ହୋଇ ପ୍ରଭୁ ଶ୍ରୀହରିଙ୍କୁ ସମର୍ପିତ କରାଯାଇଥିଲା। ଏହି ବିବାହ କାର୍ଯ୍ୟକ୍ରମ ହରିଦ୍ୱାର ଋଷିକେଶ ସ୍ୱାମୀ ହରିଶରଣ ମହାରାଜା, ଜଙ୍ଗଲ ସୁରକ୍ଷାକର୍ମୀ କିଶୋର ଦଳବେହେରା, ବୃକ୍ଷ ପ୍ରେମୀ ଶିକ୍ଷକ ଅଜୟ କୁମାର ବେହେରା। ବିଜୟ କୁମାର ସେଠୀ, ଆରଏସ୍ଏସ କର୍ମକର୍ତ୍ତା ସମେତ ଆଖପାଖ ଅଞ୍ଚଳର ବହୁ ବୃକ୍ଷ ପ୍ରେମୀ ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦାନ କରିଥିଲେ। ବୃକ୍ଷକୁ ଈଶ୍ୱର ରୁପରେ ପୂଜା କରି ପ୍ରକୃତିକୁ ସମ୍ମାନ କରିବା ହେଉଛି ପ୍ରକୃତ ମାନବ ଧର୍ମ ବୋଲି ହରିଶରଣ ମହାରାଜା ମତବ୍ୟକ୍ତ କରିଥିଲେ। ଉକ୍ତ ଜଙ୍ଗଲର ୧୦ଟି ସ୍ଥାନରେ ଏହି ବିବାହ କାର୍ଯ୍ୟ କରାଯାଇଥିଲା। କର୍ତ୍ତାମାନେ ଉପବାସ ରହି ହୋମରେ ବସି ବିବାହ କାର୍ଯ୍ୟ ସାରିଥିଲେ। ପରେ ଭୋଜିର ଆୟୋଜନ କରାଯାଇଥିଲା।

# ୨ ନାବାଳିକା ଝିଅ ବାପାଙ୍କ ପ୍ରେମିକାଙ୍କୁ ଛେଚିଲେ

**ନୟାଗଡ଼,୨୮।୨(ଲୋକନାଥ ମିଶ୍ର)**

ପରକୀୟା ପ୍ରୀତିକୁ ବନ୍ଦ କରିବାକୁ ଯାଇ ୨ ନାବାଳିକା ଝିଅ ବାପାଙ୍କ ପ୍ରେମିକାଙ୍କୁ ମାରପିଟ୍ କରିଛନ୍ତି। ପରିସ୍ଥିତି ଏଭଳି ହୋଇଥିଲା ନୟାଗଡ ଟାଉନ ଥାନା ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଛି। ବୁଧବାର ଅପରାହ୍ନରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖସ୍ଥ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ଦୁଇ ନାବାଳିକା ଝିଅ ଜଣେ ମହିଳାଙ୍କୁ ଗୋଡେଇ ଗୋଡେଇ ପିଟୁଥିଲେ। ମାରପିଟର କାରଣ ବୁଝିବା ପରେ ଜଣାପଡିଥିଲା ନୟାଗଡ଼ ସହର ହାଟପଦାର ଦୁଇ ନାବାଳିକାଙ୍କ ବାପା ଜଣେ ମହିଳାଙ୍କୁ ଭଲ ପାଇ ତାଙ୍କ ସହ ସମୟ ବିତାଉଥିଲେ।

### ପରକୀୟା ପ୍ରୀତିକୁ ବିରୋଧ

ପରିବାର ପ୍ରତି ସମୟ ନ ଦେବା ପରେ ୨ ଝିଅ ବାପା ଓ ମହିଳାଙ୍କୁ ବୁଝାଇଥିଲେ। ହେଲେ ଫଳ କିଛି ନ ମିଳିବାରୁ ମହିଳାଙ୍କୁ ଗୋଡେଇ ଗୋଡଇ ପିଟିଥିଲେ। ପ୍ରାୟ ୧୦ ମିନିଟ ଧରି ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତା ଲୋକରଣ୍ୟ ହେବା ସହ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ପୋଲିସ ଆସି ୨ ଝିଅଙ୍କୁ ନିଜ ହେପାଜତକୁ ନେଇ ଘଟଣାର ସମାଧାନ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁସାରେ ଏନେଇ ଦୁଇଟି ମାମଲା ରୁଜୁ ହୋଇଛି।

# ଟାକରା ପଞ୍ଚାୟତରେ ଘରେ ଘରେ ଶଙ୍ଖ



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ।

**ଦଶପଲ୍ଲା,୨୮।୨(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତର ବୁଗୁଡା କଲୋନୀ, ତିଳାବାଡି ଆଦି ଗ୍ରାମରେ ଦଶପଲ୍ଲା ବିଧାୟକ ତଥା ନୟାଗଡ଼ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରା ବୁଲି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ଗ୍ରାମବାସୀଙ୍କୁ ବିଜେଡି ସରକାରଙ୍କ ସ୍ୱଚ୍ଛ,ନିର୍ମଳ ଓ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ତଥା ଓଡିଶାବାସୀଙ୍କ ସାମଗ୍ରୀକ ଉନ୍ନତି ସମ୍ପର୍କରେ ଆଉ କାହାରିକୁ ଅଛପା ନାହିଁ ବୋଲି କହିଥିଲେ। ଓଡିଶାବାସୀଙ୍କ ଉନ୍ନତିରେ ସହାୟକ ହୋଇଥିବା ବିଜେଡି ସରକାର, ଆଗାମୀ ନିର୍ବାଚନରେ ଘରେ ଘରେ ଶଙ୍ଖ ଫୁଙ୍କିବେ , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ପୁନର୍ବାର ସରକାରକୁ ଆସିବା ସୁନିଶ୍ଚିତ ବୋଲି ଉପସ୍ଥିତ ଗ୍ରାମବାସୀ ବେହେରାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ପୂଜକ, ସୁଆର ପରିଷଦ ସଦସ୍ୟଙ୍କୁ ଘରବାରି ଜମି ପ୍ରଦାନ ଦାବି

**ଓଡ଼ଗାଁ,୨୮।୨**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୂଜକ ଓ ସୁଆର ପରିଷଦ ସଦସ୍ୟ ପରିବାରଙ୍କୁ ଶ୍ରୀଜୀଉଙ୍କ ମାଲିକାନାରୁ ଘରବାରି ଜମି ପ୍ରଦାନ କରିବାକୁ ଦାବି ଜୋର ଧରିଛି। ରାଜା ରାଜୁଡା ଅମଳରୁ ସେମାନଙ୍କୁ ମିଳିଥିବା ଘରବାରୀକ୍ରମ ବର୍ଦ୍ଧିଷ୍ଣୁ ପରିବାର ତୁଳନାରେ ପରିବାରର ସଦସ୍ୟଙ୍କ ପାଇଁ ନିଅଣ୍ଟିଆ ହେଉଛି। ଏଥି ନିମନ୍ତେ ସେମାନଙ୍କ ଦାବି ଅନୁସାରେ ଦେବୋତ୍ତର କମିଶନର ଏହାକୁ ଅନୁଧ୍ୟାନ କରିବା ପରେ ଭୁମିହୀନ ଓ ରୋଜଗାର ନ ଥିବା ପରିବାରଙ୍କୁ ଆବଶ୍ୟକ ୨୫ ହଜାର ଟଙ୍କା ଲେଖା ଜମାରାଶି ବଦଳରେ ୨ ଡେସିମିଲ ଲେଖା ଘରବାରୀ ଭୋଗ ଦଖଲ ନିମନ୍ତେ ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଦେବୋତ୍ତର ବିଭାଗ ୯୭ ଜଣ ସଦସ୍ୟଙ୍କୁ ଏଥିରେ ସାମିଲ କରିବାକୁ କହିଥିବା ବେଳେ ସେଥିମଧ୍ୟରୁ ୫୮ ଜଣ ସଦସ୍ୟଙ୍କୁ ଏହିଭଳିଆ ସୂଚନା ପତ୍ର ମିଳିଥିବା ବେଳେ ଅବଶିଷ୍ଟଙ୍କୁ ଅଦ୍ୟାବଧି ଏନେଇ କୌଣସି ପତ୍ର ମିଳିନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ କେତେକ ସଦସ୍ୟ ଶ୍ରୀଜୀଉଙ୍କ ସେବାଦି କାର୍ଯ୍ୟ କରିଆସୁଥିବା ବେଳେ ସେମାନଙ୍କ ଘରବାରି ଥିବା ଏବଂ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପେନସନ ଭୋଗୀ ହୋଇଥିବାରୁ ସେମାନଙ୍କୁ ଚତୁରତାର ସହିତ ଏଥିରୁ ବାଦ ଦିଆଯାଇଥିବା କାରଣରୁ କୁଆଡେ ବିବାଦ ଦେଖା ଦେଇଛି। ଏପରିସ୍ଥଳେ ସମସ୍ତଙ୍କୁ ଏଥିରେ ସାମିଲ କରିବା ସହିତ ୧ ମାସ ମଧ୍ୟରେ ନିର୍ଦ୍ଧାରିତ ଜମା ରାଶି ଗ୍ରହଣ ପୂର୍ବକ ଘରବାରି ପ୍ରଦାନ କରିବାକୁ ଦାବି ହୋଇଛି। ଏହା ସହିତ ସେମାନଙ୍କୁ ଦୈନିକ ମିଳୁଥିବା ଖଇ ପ୍ରାପ୍ତ ୧୪୦ ଟଙ୍କା ବଦଳରେ ୧୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ଅନୁରୂପ ଦାବି ହୋଇଛି। ଏହି ମର୍ମରେ ଉଭୟ ପରିଷଦ ତରଫରୁ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ ସମେତ ବିଧାୟକ, ଜିଲାପାଳ, ଆରକ୍ଷୀ ନିରୀକ୍ଷକ, ତହସିଲଦାର, ବ୍ଲକ ଅଧ୍ୟକ୍ଷ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପତ୍ର ଲେଖି ଦାବି କରିବା ସହିତ ୭ ଦିନ ମଧ୍ୟରେ ଏହାକୁ ଅନୁଧ୍ୟାନ ପୂର୍ବକ କାର୍ଯ୍ୟକାରୀ ନ କଲେ ମନ୍ଦିରର କୌଣସି ଅସୁବିଧା ନିମନ୍ତେ ପ୍ରଶାସନ ନିଜେ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ହେଲେ ଏନେଇ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ମତାମତ ନେବାରେ ସେ ଟ୍ରେନିଂରୁ ଫେରି ଏହାକୁ ଆବଶ୍ୟକ ଅନୁଧ୍ୟାନ ଓ ତର୍ଜମା କରିବା ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ଜଳାଭାବ ଏଡ଼ାଇବା ପାଇଁ ୨ ଟ୍ୟାଙ୍କର କିଣାହେବ

**ନୟାଗଡ଼,୨୮।୨(ଲୋକନାଥ ମିଶ୍ର)**

- ନୟାଗଡ ମ୍ୟୁନିସିପାଲିଟି ବୈଠକ
- ୩୮ କୋଟିର ବଜେଟ ପାରିତ
- ୱାର୍ଡ ଅପରିଷ୍କାର ହେଲେ ଦଣ୍ଡିତ ହେବ ସୁପରଭାଇଜର

ନୟାଗଡ଼ ମ୍ୟୁନିସିପାଲିଟିର ବୈଠକ ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗନ ବିଧାୟକ ଅରୁଣ କୁମାର ସାହୁ, ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନାଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ଦ୍ୱାରା ଆଗତ ୩୮ କୋଟି ୪ ଲକ୍ଷ ୮୧ ହଜାର ୨ ଶହ ଟଙ୍କାର ବଜେଟ ପାରିତ ହୋଇଥିଲା। ଗ୍ରୀଷ୍ମ ଋତୁରେ ଜଳସଙ୍କଟକୁ ଏଡାଇବା ପାଇଁ ୨ଟି ଟ୍ୟାଙ୍କର କିଣାଯିବ। ଯେଉଁ ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖା ଦେବ ସଂପୃକ୍ତ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ସଫେଇକୁ ତ୍ୱରାନ୍ୱିତ କରାଯିବ। ପ୍ରତି ୱାର୍ଡ ଯେପରି ପରିଷ୍କାର ରହିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହିଛି। ୱାର୍ଡ ଅପରିଷ୍କାର ହେଲେ ସୁପରଭାଇଜର ଦଣ୍ଡିତ ହେବେ। ଅନ୍ୟପକ୍ଷେ ଯେଉଁ ଦୋକାନୀ ସହରକୁ ଅପରିଷ୍କାର କରୁଥିବେ ସ୍କାର୍ଡ ନଜରକୁ ଆସିଲେ ଫାଇନ ହେବ। ଟ୍ରାଫିକ ଜାମ କରୁଥିବା ଗୋରୁ ଗାଈଙ୍କୁ ଧରି ଗୋଶାଳାକୁ ପଠାଯିବ। ସେହିପରି ଯେଉଁ ସ୍ଥାନରେ ବିଦ୍ୟୁତ୍ ବଲବ ଖରାପ ହୋଇଛି, ଅଥବା ନୂଆ ବଲ ଲାଗିବ କିମ୍ବା କୌଣସି ବିଦ୍ୟୁତ୍ ସମସ୍ୟା ରହିଛି ତାର ସମାଧାନ କରାଯିବ। ଅଲ ଓଡିଶାସ୍ତରରେ ବିଦ୍ୟୁତ୍ ଟେଣ୍ଡର ନେଇଥିବା ସଂସ୍ଥାକୁ ଡକାଇ ବିଦ୍ୟୁତ୍ ସମସ୍ୟାର ସମାଧାନ କରାଯିବ। ଉନ୍ନୟନ କାର୍ଯ୍ୟଗୁଡିକ ଶୀଘ୍ର ଶେଷ କରିବାକୁ କୁହାଯାଇଛି।



ନୟାଗଡ଼ ମ୍ୟୁନିସିପାଲିଟି ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

